

ଟିପ୍ପଣୀ

# ୩

# ଭୂ-ଆକୃତୀୟ ମାନଚିତ୍ରର ବ୍ୟାଖ୍ୟା

## (Interpretation of Topographic Maps)

ଭୂଗୋଳ ଅଧ୍ୟୟନ ପାଇଁ ମାନଚିତ୍ର ଅପରିହାର୍ଯ୍ୟ ଉପକରଣ ବା ସାଧନ ଅଟେ । ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଭିନ୍ନ ଭିନ୍ନ ପ୍ରକାରର ମାନଚିତ୍ର ବ୍ୟବହୃତ ହୋଇଥାଏ । ଏଗୁଡ଼ିକ ମଧ୍ୟରୁ କେତେକ ମାନଚିତ୍ର ଛୋଟ ମାନ/ସ୍କେଲ୍‌ରେ ଏବଂ ଆଉ କେତେକ ବୃହତ୍ ମାନରେ ତିଆରି ହୋଇଥାଏ । ଏକ ବୃହତ୍ ମାନରେ ମାନଚିତ୍ର ଅଙ୍କନ କରିବାର ପ୍ରମୁଖ ଉଦ୍ଦେଶ୍ୟ ହେଲା, କୌଣସି ଏକ ଅଞ୍ଚଳର ପ୍ରାକୃତିକ ଏବଂ ସାଂସ୍କୃତିକ ଲକ୍ଷଣ/ବିଶେଷତ୍ୱ ଗୁଡ଼ିକୁ ଅଧିକ ବିସ୍ତୃତ ଭାବରେ ଅଧ୍ୟୟନ କରିବା । ତୁମେ ଜାଣିଛ ଯେ ପୃଥିବୀର ଭୂ-ପୃଷ୍ଠ, ପର୍ବତ, ମାଳଭୂମି, ସମତଳ ଭୂମି, ନଦୀ, ହ୍ରଦ, ମହାସାଗର ଆଦି ଉଚାବଚ ଲକ୍ଷଣରେ ପରିପୂର୍ଣ୍ଣ ଅଟେ । ଏହି ଉଚାବଚ ଲକ୍ଷଣଗୁଡ଼ିକ ତ୍ରିମାତ୍ରିକ ପ୍ରତିରୂପ (Model) ଦ୍ୱାରା ସର୍ବୋତ୍ତମ ଭାବେ ପ୍ରଦର୍ଶିତ କରାଯାଇପାରିଥାଏ । ମାତ୍ର ଏଗୁଡ଼ିକ ମହଙ୍ଗା, ଭାରୀ/ ଓଜନିଆ ଏବଂ ବ୍ୟବହାର କରିବା ଝଞ୍ଜଟିଆ ହୋଇଥାଏ । ଏହିସବୁ ଅସୁବିଧା ଦୂର କରିବା ପାଇଁ ଉଚ୍ଚାବଚ ଲକ୍ଷଣଗୁଡ଼ିକୁ ମାନଚିତ୍ର ଏବଂ ରେଖାଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥାଏ । ମାନଚିତ୍ରରେ ଏହି ଉଚ୍ଚାବଚ ଗୁଡ଼ିକୁ ପ୍ରତିବେଦନ କରିବାପାଇଁ କେତେକ ନିର୍ଦ୍ଦିଷ୍ଟ ପ୍ରତୀକ, ଚିହ୍ନ ତଥା ରଂଗ ବ୍ୟବହୃତ ହୋଇଥାଏ । ଏହି ସମସ୍ତ ଚିହ୍ନ ଏବଂ ପ୍ରତୀକ ସହାୟତାରେ ତୁମେ ଏକ ପ୍ରଦତ୍ତ ଭୂ-ଆକୃତୀୟ ମାନଚିତ୍ରର ଅଧ୍ୟୟନ କରିବ । ଏହି ଅଧ୍ୟୟନକୁ ଆଧାର କରି ତୁମେ ଅନ୍ୟ ଭୂ-ଆକୃତୀୟ ମାନଚିତ୍ର ଗୁଡ଼ିକର ମଧ୍ୟ ଅଧ୍ୟୟନ କରିପାରିବ ।

**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟଟି ପଢ଼ିସାରିବା ପରେ, ତୁମେ :

- ଭୂ-ଆକୃତୀୟ ମାନଚିତ୍ରରେ ଉଚ୍ଚାବଚ ପ୍ରଦର୍ଶନର ବିଭିନ୍ନ ପଦ୍ଧତିର ବର୍ଣ୍ଣନା କରିପାରିବ;
- ସମୋଚ୍ଚ ରେଖାଗୁଡ଼ିକର ଆନ୍ତର୍କଳନ (interpoloation) କରିପାରିବ;
- ଉପଯୁକ୍ତ ଉଲ୍ଲମ୍ବୀୟ (vertical) ମାନ ଚୟନ କରି ଗୋଟିଏ ସମୋଚ୍ଚ ରେଖୀୟ ମାନଚିତ୍ରରୁ ଏକ ଅନୁପ୍ରସ୍ଥ ଖଣ୍ଡ ବା ପରିଚ୍ଛେଦିକା (cross section/profile) ଅଙ୍କନ କରିପାରିବ;
- ଏକ ପ୍ରଦତ୍ତ ଭୂ-ଆକୃତୀୟ ମାନଚିତ୍ରର ସମୋଚ୍ଚରେଖା ଅନ୍ତରାଳକୁ ଖୋଜ ବାହାର କରିପାରିବ;
- ସାଂସ୍କୃତିକ ଲକ୍ଷଣ ଏବଂ ଉଚ୍ଚାବଚ ଲକ୍ଷଣଗୁଡ଼ିକ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା କରିପାରିବ;
- ମାନଚିତ୍ରରେ ଦର୍ଶାଯାଇଥିବା ବିଭିନ୍ନ ପ୍ରକାର ଅରଣ୍ୟ (ସୁରକ୍ଷିତ, ସଂରକ୍ଷିତ ଏବଂ ଗ୍ରାମ୍ୟ ଜଙ୍ଗଲ)କୁ ଚିହ୍ନଟ କରିପାରିବ;
- ଏକ ପରିଚ୍ଛେଦିକା ଅଙ୍କନ କରି ଉତ୍ତଳ, ଅବତଳ, ସ୍ୱଳ୍ପ ଏବଂ ତୀଖ ଢ଼ାଲୁକୁ ଚିହ୍ନଟ କରିପାରିବ ।

## ୩.୧ ଭୂ-ଆକୃତୀୟ ମାନଚିତ୍ର (Topographical Maps)

ବୃହତ୍ ମାନରେ ପ୍ରସ୍ତୁତ ମାନଚିତ୍ର ଯେଉଁଥିରେ ଛୋଟ ଛୋଟ ଅଞ୍ଚଳର ଭୌତିକ ଏବଂ ସାଂସ୍କୃତିକ (ମନୁଷ୍ୟ ନିର୍ମିତ) ଭୂ-ଦୃଶ୍ୟଗୁଡ଼ିକୁ ପ୍ରତୀକାତ୍ମକ ଅଥବା ଗତାନୁଗତିକ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ ହୋଇଥାଏ, ତାକୁ ଭୂ-ଆକୃତୀୟ ମାନଚିତ୍ର କୁହାଯାଏ । ଏହି ମାନଚିତ୍ରଗୁଡ଼ିକ ଦୃଶ୍ୟ-ମାନଚିତ୍ର ମଧ୍ୟ କୁହାଯାଇଥାଏ ଏବଂ ଏଗୁଡ଼ିକ ଅଞ୍ଚଳର ବାସ୍ତବ ସର୍ବେକ୍ଷଣ ଉପରେ ଆଧାରିତ ହୋଇଥାଏ । ମାନଚିତ୍ରର ମାନ/ସ୍କେଲ୍ ବହୁତ ବଡ଼ ହୋଇଥାଏ,



ଟିପ୍ପଣୀ



ଯଦ୍ୱାରା ଏଥିରେ ଭୌତିକ/ପ୍ରାକୃତିକ ଏବଂ ସାଂସ୍କୃତିକ ଲକ୍ଷଣଗୁଡ଼ିକୁ ଅଧିକ ବିସ୍ତୃତ ଭାବେ ଦର୍ଶାଯାଇଥାଏ । ଏହି ମାନଚିତ୍ର ଅଙ୍କନର ପ୍ରମୁଖ ଉଦ୍ଦେଶ୍ୟ ହେଲା ପ୍ରାକୃତିକ ଏବଂ ସାଂସ୍କୃତିକ ଲକ୍ଷଣ/ବିଶେଷତ୍ୱ ଗୁଡ଼ିକୁ ନିର୍ଭୁଲ୍ ଓ ବିସ୍ତୃତ ଭାବେ ଉପସ୍ଥାପନ କରିବା । ଏହି ମାନଚିତ୍ର ଗୁଡ଼ିକର ଅଧ୍ୟୟନ ମାଧ୍ୟମରେ କୌଣସି ଅଞ୍ଚଳ ବିଷୟରେ ସେହିଭଳି ଜ୍ଞାନ/ସୂଚନା ପ୍ରାପ୍ତ ହୋଇଥାଏ, ଯେପରି ଜଣେ ବ୍ୟକ୍ତିକୁ ସେହି ଅଞ୍ଚଳ ପରିଦର୍ଶନ ଦ୍ୱାରା ପ୍ରାପ୍ତ ହୋଇଥାଏ ।

ଭୂ-ଆକୃତୀୟ ମାନଚିତ୍ରଗୁଡ଼ିକ ବିଭିନ୍ନ ଲୋକଙ୍କ ଦ୍ୱାରା ଭିନ୍ନ ଭିନ୍ନ କାର୍ଯ୍ୟ/ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୋଇଥାଏ ।

(୧) ଭୂଗୋଳର ବିଦ୍ୟାର୍ଥି କୌଣସି ଅଞ୍ଚଳର ଭୌତିକ/ ପ୍ରାକୃତିକ ଏବଂ ସାଂସ୍କୃତିକ ଭୂ-ଦୃଶ୍ୟ ଅଧ୍ୟୟନ ପାଇଁ ମାନଚିତ୍ର ବ୍ୟବହାର କରିଥାଏ ।

(୨) ଜଣେ ଯାତ୍ରୀ ଅଥବା ପର୍ଯ୍ୟଟକ ଭୂ-ଆକୃତୀୟ ମାନଚିତ୍ର ସାହାଯ୍ୟରେ ବିଭିନ୍ନ ସ୍ଥାନର ଅବସ୍ଥିତି ଜାଣିପାରିଥାଏ ଏବଂ ତଦନୁଯାୟୀ ନିଜର ଯାତ୍ରା କାର୍ଯ୍ୟକ୍ରମ ବା ଯୋଜନା ସ୍ଥିର କରିଥାଏ ।

(୩) ଯୋଜନା ପ୍ରସ୍ତୁତକାରୀ ଯୋଜନା ପ୍ରଣୟନ ପାଇଁ ଏଥିରେ ପ୍ରାକୃତିକ ଏବଂ ସାଂସ୍କୃତିକ ସମ୍ବଳଗୁଡ଼ିକର ଅଧ୍ୟୟନ କରିଥାନ୍ତି ।

(୪) ସାମରିକ ଅଧିକାରୀ ଭୂ-ଆକୃତୀୟ ମାନଚିତ୍ର ସହାୟତାରେ ରଣ କୌଶଳ ନିର୍ଦ୍ଧାରଣ କରିଥାନ୍ତି ।

## ୩.୨ ପ୍ରାନ୍ତିକ ସୂଚନା (Marginal Information)

ପ୍ରାନ୍ତିକ ସୂଚନା ଭୂ-ଆକୃତୀୟ ମାନଚିତ୍ରର ଧାରରେ ପ୍ରଦାନ କରାଯାଇଥାଏ । ପ୍ରାନ୍ତିକ ସୂଚନାଗୁଡ଼ିକ ନିମ୍ନ ପ୍ରକାର ହୋଇଥାଏ ।

(୧) ଭୂ-ଆକୃତୀୟ ମାନଚିତ୍ରର ଅକ୍ଷାଂଶୀୟ ତଥା ଦ୍ରାଘିମାର ବିସ୍ତାର,

(୨) ମାନଚିତ୍ରର ମାନ;

(୩) ଗତାନୁଗତିକ ଚିହ୍ନ ଓ ପ୍ରତୀକ;

(୪) ଭୂ-ଆକୃତୀୟ ମାନଚିତ୍ରର ଦର୍ଶାଯାଇଥିବା ରାଜ୍ୟ ଓ ଜିଲ୍ଲାଗୁଡ଼ିକର ନାମ;

(୫) ଭୂ-ଆକୃତୀୟ ଫର୍ଦ୍ଦର ସଂଖ୍ୟା ଓ ନାମ (ଚିତ୍ର ୩.୧)

(୬) ସର୍ବେକ୍ଷଣ ଓ ପ୍ରକାଶନର ତାରିଖ;

(୭) ସମୋଚ୍ଚ ରେଖୀୟ ବ୍ୟବଧାନ/ଅନ୍ତରାଳ ଏବଂ

(୮) ଚୁମ୍ବକୀୟ ଅବନମନ (declination)

## ୩.୩ ଗତାନୁଗତିକ ବା ପ୍ରଚଳିତ ଚିହ୍ନ ଓ ପ୍ରତୀକ ବା ସଂକେତର ବ୍ୟବହାର (Use of Conventional signs and symbols) :

ମାନଚିତ୍ର, ପୃଥିବୀ ପୃଷ୍ଠର ଏକ ଅଞ୍ଚଳର ଏକ ପ୍ରତିବେଦନ ଅଟେ । ଏହା ସେହି ଅଞ୍ଚଳ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥାଏ । ସେହି ଅଞ୍ଚଳରେ ଦେଖାଯାଉଥିବା ସମସ୍ତ ପ୍ରାକୃତିକ ଅଥବା ମନୁଷ୍ୟାକୃତ ଲକ୍ଷଣଗୁଡ଼ିକୁ ମାନଚିତ୍ରରେ ଦର୍ଶାଯାଇଥାଏ । ମାତ୍ର ଅଞ୍ଚଳର ସମସ୍ତ ବିସ୍ତୃତ ବିବରଣୀ/ସୂଚନା ମାନଚିତ୍ରରେ ଲେଖିବା ଅସମ୍ଭବ ଅଟେ । ଏହି ସମସ୍ୟାର ସମାଧାନ ପାଇଁ, ଉଚ୍ଚାବଚ, ନର୍ଦ୍ଦମା ବ୍ୟବସ୍ଥା, ବନସ୍ପତି ଆଦି ଭୌତିକ ଲକ୍ଷଣ ଏବଂ ମାନବ ବସତି, ରେଳମାର୍ଗ, ସଡ଼କ, ମନ୍ଦିର, ଗୀର୍ଜା, ମସ୍‌ଜିଦ୍, ଗ୍ରାମ, ସହର, ନଗର, ପୋଲ ଆଦି ସାଂସ୍କୃତିକ ଅଥବା ମନୁଷ୍ୟାକୃତ ଲକ୍ଷଣଗୁଡ଼ିକୁ ଚିତ୍ରଣ କରିବାପାଇଁ ବିଭିନ୍ନ ପ୍ରକାର ସଂକେତ ଓ ଚିହ୍ନ ବ୍ୟବହାର କରାଯାଇଥାଏ । ଏହି ଚିହ୍ନ, ସଂକେତ ଏବଂ ଅକ୍ଷରଗୁଡ଼ିକୁ ମାନଚିତ୍ରରେ ବ୍ୟବହାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଭୂ-ଆକୃତୀୟ ଫର୍ଦ୍ଦଟି ସୂଚନାତ୍ମକ ହେବା ସଂଗେ ସଂଗେ ଅଧ୍ୟୟନ ପାଇଁ ସୁପାଠ୍ୟ ହେବା । ଏହି ଚିହ୍ନଗୁଡ଼ିକୁ ଗତାନୁଗତିକ ବା ପରମ୍ପରାନୁମୋଦିତ ଚିହ୍ନ କୁହାଯାଇଥାଏ କାରଣ ଏଗୁଡ଼ିକୁ ସାରା ପୃଥିବୀରେ ଦୀର୍ଘକାଳ ଧରି ପ୍ରଚଳିତ ହୋଇଆସୁଅଛି । ତେଣୁ ଭୂ-ଆକୃତୀୟ ଫର୍ଦ୍ଦକୁ ଅଧ୍ୟୟନ କରିବା ପୂର୍ବରୁ ଏହି ଚିହ୍ନ ସଂକେତ ଗୁଡ଼ିକ ସହ ପରିଚିତ ହେବା ଶିରୋଧାର୍ଯ୍ୟ ଅଟେ । ( ଚିତ୍ର ୩.୧ ଦେଖ )

ସଡ଼କ, ପକ୍କା : ମହତ୍ତ୍ୱାନୁଯାୟୀ : ମାଇଲ୍ ପଥର/ ଖୁଣ୍ଟ..............

ସଡ଼କ, କଚା : ମହତ୍ତ୍ୱାନୁଯାୟୀ : ପୋଲ ............................

ଶଗଡ଼ ରାସ୍ତା, ଭାରବାହୀ ପଶୁମାର୍ଗ ଏବଂ ଗିରିପଥ.... ପୋଲ ସହ ପାଦଚଲା ରାସ୍ତା..........

ସ୍ତମ୍ଭ/ ଖିଲାଣ/ ପିଲ୍‌ପାୟା (piers) ଯୁକ୍ତ କିମ୍ବା ରହିତ ପୋଲ, ସେତୁମାର୍ଗ (Causewa), ଫେରିଘାଟ/ ନୌକା ଘାଟ....

ଝରଣା/ ନାଳ : ଶର୍ଯ୍ୟା ସହ : ଅନିରୂପିତ, କେନାଲ .................

ବନ୍ଧ : ଗାନ୍ଥିନି ଅଥବା ପଥର ଦ୍ୱାରା ପଟାହୋଇଥିବା କିମ୍ବା ମାଟିକାମ, ଆନିକଟ.................

ନଦୀକୂଳ, ଗଡ଼ାଣିଆ : ତୀଖ, 10 ଫୁଟ୍‌ରୁ 19 ଫୁଟ୍ ଭିତରେ, 19 ଫୁଟରୁ ଉର୍ଦ୍ଧ୍ୱ......

ନଦୀ, ଶୁଷ୍କ, ଧାରା ସହ, ଦ୍ୱୀପ ଓ ଚଟାଣ ସହ, ଜୁଆରିଆ ନଦୀ .......

ଜଳମଗ୍ନ ଶିଳା, ଉଛୁଳିଥିବା ଜଳଭୂମି (shoal), ସନ୍ତସନ୍ତିଆ ଭୂମିବଅନୂପ, ନଡ଼ (reed).............

କୂଅ : ପକ୍କା, କଚା, ଝରଣା, ପୋଖରୀ : ବାରମାସୀ, ଶୁଷ୍କ..........

ତଟବନ୍ଧ : ସଡ଼କ କିମ୍ବା ରେଳ, ପୋଖରୀ, ଭଙ୍ଗୁରିତ / ଫାଟିଥିବା ଭୂମି (broken ground).........

ରେଳପଥ : ବ୍ରଡ଼ ଗୋଜ : ଦୋହରୀ/ ଏକକ ଷ୍ଟେସନ ସହ : ନିର୍ମାଣଧିନ.....................

ରେଳପଥ : ଅନ୍ୟ ଗେଜ୍, ଦୋହରୀ/ ଏକକ ମାଇଲଖୁଣ୍ଟ ସହ : ନିର୍ମାଣଧିନ ..................

ହାଲୁକା ରେଳପଥ କିମ୍ବା ଟ୍ରାମ୍ ପଥ, ଟେଲଗ୍ରାଫ୍ ତାର, ସୁଡ଼ଙ୍ଗ ସହ କଟୁଥିବା.........

ସମୋଚ୍ଚରେଖା, ଆକୃତିରେଖା, ପଥୁରିଆ, ଢ଼ାଲୁ, ତୀଖ................

ବାଲିର ଲକ୍ଷଣ : (୧) ଚଟକା (୨) ବାଲି ପାହାଡ଼ (ଚିରସ୍ଥାୟୀ) ବାଲୁକା ସ୍ତୂପ (ଚଳନ ଶୀଳା/ପରିବର୍ତ୍ତନଶୀଳ)..

ସହର କିମ୍ବା ଗ୍ରାମ : ଲୋକେ ରହୁଛନ୍ତି, ପରିତ୍ୟକ୍ତ, ଦୁର୍ଗ ................

କୁଟୀର/ ଝୁମ୍ପଡ଼ି, ସ୍ଥାୟୀ, ସାମୟିକ, ଅସ୍ଥାୟୀ, ମୀନାର, ପୁରାତନ ଅବଶେଷ........

ମନ୍ଦିର, ଛତର, ଗୀର୍ଜା, ମସ୍‌ଜିଦ୍, ଇଦ୍‌ଗାହ, ମକବରା, କବର...............

ବତୀଘର, ଆଲୋକିତ ଜାହାଜ, ବୋୟା (Bouys), ଆଲୋକିତ, ଅନାଲୋକିତ ଲଙ୍ଗର ପକା ହୋଇଥିବା.....

ଖଣି, ଜାଲକ ଉପରେ ଲଟା/ଦ୍ରାକ୍ଷା, ଘାସ, ଗୁଳ୍ମ......

ଗୁଳ୍ମ ଜାତୀୟ ଗଛ, ତାଳଗଛପୂର୍ଣ୍ଣ ତୋଟା, ଅନ୍ୟ କଦଳୀ ଜାତୀୟ ଗଛ, ଶଂକୁପାଇନ୍ ଜାତୀୟ ଗଛ : ବାଉଁଶ, ଅନ୍ୟାନ୍ୟ ଗଛ...............

ସର୍ବେକ୍ଷଣ ହୋଇଥିବା ସୀମାଖୁଣ୍ଟ, ଅଣ-ଅବସ୍ଥାପିତ, ଗ୍ରାମ୍ୟ ତ୍ରିଛକ........

ଉଚ୍ଚତା, ତ୍ରିଭୂଜୀକରଣ : ଷ୍ଟେସନ୍ : ସ୍ଥାନିକ ଉଚ୍ଚତା ...................

ପୀଠ ଚିହ୍ନ ......................

ଡାକଘର, ଟେଲିଗ୍ରାଫ୍ ଅଫିସ୍, ଡ଼ାକ-ତାର ଘର, ପୋଲିସ୍ ଷ୍ଟେସନ୍...............

ଡାକ ବଙ୍ଗଳା କିମ୍ବା ଯାତ୍ରୀ ବଙ୍ଗଳା, ନିରୀକ୍ଷଣ /ପରିଦର୍ଶନ ବଙ୍ଗଳା, ବିଶ୍ରାମ ଗୃହ..........

ସର୍କିଟ ହାଉସ୍, ଶିବିର ସ୍ଥଳ, ଅରଣ୍ୟ : ସଂରକ୍ଷିତ, ସୁରକ୍ଷିତ ..................

ସ୍ଥାନର ନାମ : ପ୍ରଶାସନିକ : ସ୍ଥାନୀୟ/ କ୍ଷେତ୍ରୀୟ କିମ୍ବା ଜନଜାତି...........




ଚିତ୍ର ୩.୧ ଭୂ-ଆକୃତୀୟ ଫର୍ଦ୍ଦ/ ମାନଚିତ୍ରରେ ବ୍ୟବହୃତ ଚିହ୍ନ ଏବଂ ସଂକେତ

ଟିପ୍ପଣୀ




ଚିତ୍ର -୩.୨ ଫର୍ଦ୍ଦ ଗୁଡ଼ିକର ବ୍ୟବସ୍ଥା/ ବିନ୍ୟାସ



ଟିପ୍ପଣୀ

ବିଭିନ୍ନ ଲକ୍ଷଣଗୁଡ଼ିକୁ ଦର୍ଶାଇବା ପାଇଁ ମାନଚିତ୍ରରେ କେଉଁ କେଉଁ ରଂଗ ବ୍ୟବହାର କରାଯାଇଥାଏ, ତାହା ମଧ୍ୟ ତୁମେ ଜାଣିବା ନିହାତି ଆବଶ୍ୟକ ଅଟେ । ଏହି ଗତାନୁଗତିକ/ ପ୍ରଚଳିତ ରଙ୍ଗଗୁଡ଼ିକ ନିମ୍ନଲିଖିତ ଲକ୍ଷଣ/ ବିଶେଷତ୍ୱ ଗୁଡ଼ିକୁ ସୂଚାଇଥାଏ ।

| ରଙ୍ଗ | ସୂଚାଉଥିବା ଲକ୍ଷଣ/ ବିଶେଷତ୍ୱ |
|---|---|
| ହଳଦିଆ | ବୁଣାଯାଉଥିବା ଅଞ୍ଚଳ / କ୍ଷେତ୍ର |
| ଗାଢ଼ ସବୁଜ | ଅରଣ୍ୟ ଅନ୍ତର୍ଭୁକ୍ତ ଅଞ୍ଚଳ |
| ହାଲୁକା ସବୁଜ | ତୃଣଭୂମି |
| ଧୂସର | ସମୋଚ୍ଚରେଖା |
| ନୀଳ | ଜଳ ନିକାୟ/ ଜଳାଧାର ( water bodies ) |
| କଳା | ରେଳପଥ ଏବଂ ବିଦ୍ୟୁତ୍ ତାର |
| ଲାଲ | ସଡ଼କ ଏବଂ ମାନବ ବସତି |

## ୩.୪ ମାନଚିତ୍ରରେ ଉଚ୍ଚାବଚ ପ୍ରଦର୍ଶନର ପଦ୍ଧତି ( Method of Representing Relief on Map)

ଭୂ-ପୃଷ୍ଠର ବିବିଧତାକୁ ଉଚ୍ଚାବଚ କୁହାଯାଏ । ଉଚ୍ଚାବଚ ଲକ୍ଷଣଗୁଡ଼ିକୁ ମାନଚିତ୍ରରେ ସମୋଚ୍ଚରେଖା, ସ୍ଥାନୀୟ ଉଚ୍ଚତା, ପୀଠ ଚିହ୍ନ ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥାଏ । ଭୂ-ଆକୃତୀୟ ଫର୍ଦ୍ଦରେ, ଉଚ୍ଚାବଚ ଲକ୍ଷଣଗୁଡ଼ିକ ଦର୍ଶାଇବାର କେତେକ ପ୍ରୟୋଗ କୌଶଳ (techniques)ପଦ୍ଧତି ନିମ୍ନରେ ଦିଆଗଲା ।

୧. ସମୋଚ୍ଚରେଖାଙ୍କନ (Contouring) ପଦ୍ଧତିରେ ସମଉଚ୍ଚତା (ହାରାହାରି ସମୁଦ୍ର ପତନ ଠାରୁ) ବିଶିଷ୍ଟ ସମସ୍ତ ବିନ୍ଦୁ (ସ୍ଥାନ)କୁ ଏକ ନିର୍ବିଘ୍ନ ବକ୍ରଦ୍ୱାରା ସଂଯୁକ୍ତ କରାଯାଇଥାଏ । ସମୋଚ୍ଚରେଖାଗୁଡ଼ିକୁ ନିର୍ଦ୍ଦିଷ୍ଟ ବ୍ୟବଧାନ/ଅନ୍ତରାଳରେ ଅଙ୍କନ କରାଯାଇଥାଏ ଯାହାକୁ ସମୋଚ୍ଚରେଖା ବ୍ୟବଧାନ କୁହାଯାଇଥାଏ । ଏକ ମାନଚିତ୍ରରେ ଏହା (ସମୋଚ୍ଚ ରେଖାନ୍ତର)ନିୟତ ବା ସ୍ଥାୟୀ (fixed) ହୋଇଥାଏ । ସମୋଚ୍ଚ ରେଖୀୟ ମାନଚିତ୍ର, ଢାଲୁର ପ୍ରକୃତି ଉପରେ ସୂଚନା/ତଥ୍ୟ ପ୍ରଦାନ କରିଥାଏ । ତୀଖ ଢ଼ାଲୁ ପାଖାପାଖି ସମୋଚ୍ଚ ରେଖାଦ୍ୱାରା ଏଂ ସ୍ୱଳ୍ପ ଢ଼ାଲୁ ବେଶ ଛଡ଼ା ଛଡ଼ା ବା ଦୂର ଦୂରରେ ଟଣାହୋଇଥିବା ସମୋଚ୍ଚ ରେଖାଦ୍ୱାରା ସୂଚିତ ହୋଇଥାଏ ।

୨. ସ୍ଥାନୀୟ ଉଚ୍ଚତା (spot height) ହାରାହାରି ସମୁଦ୍ର ସ୍ତରରୁ ଉପରେ ଥିବା ସ୍ଥାନମାନଙ୍କର ବାସ୍ତବ/ ଅବିକଳ/ଯଥାର୍ଥ ଉଚ୍ଚତା ଯେଉଁଗୁଡ଼ିକୁ ମାନଚିତ୍ରରେ ବିନ୍ଦୁଦ୍ୱାରା ଚିହ୍ନିତ କରାଯାଇଥାଏ । ଏହି ପଦ୍ଧତି ବା କୌଶଳ ଉଚ୍ଚାବଚ ଲକ୍ଷଣଗୁଡ଼ିକୁ ଦର୍ଶାଉଥିବା ଅନ୍ୟ ପଦ୍ଧତି ସହ ବ୍ୟବହୃତ ହେଲେ ଅଧିକ ଫଳପ୍ରସୁ ହୋଇଥାଏ ।

୩. ପୀଠ ଚିହ୍ନ (Bench mark) ଉଚ୍ଚତାକୁ ସୂଚାଉଥିବା ସନ୍ଦର୍ଭିତ ବିନ୍ଦୁ ଅଟେ ଯାହାକୁ ପ୍ରମୁଖ କୋଠାଘର/ ଭବନର କାନ୍ଥ ଉପରେ ଚିହ୍ନିତ କରାଯାଇଥାଏ ଏବଂ ମାନଚିତ୍ରରେ ଏହା 'B.M' ଅକ୍ଷର ଦ୍ୱାରା ସୂଚିତ କରାଯାଇଥାଏ ।

୪. ତ୍ରିଭୁଜିକରଣ ବିନ୍ଦୁ ଯାହା ତ୍ରିଭୁଜୀକରଣ ଅବସ୍ଥାନ (station) ନାମରେ ମଧ୍ୟ ପରିଚିତ, ଭୂ-ପୃଷ୍ଠରେ ସ୍ଥାୟୀ ସର୍ବେକ୍ଷଣ ବିନ୍ଦୁ ଅଟେ । ମାନଚିତ୍ରରେ ଏହା ତ୍ରିଭୁଜ ମଧ୍ୟରେ ଏକ ବିନ୍ଦୁ ସହାୟତାରେ ଚିତ୍ରଣ କରାଯାଇଥାଏ ବା ସୂଚୀତ କରାଯାଇଥାଏ ।

୫. ହାରାହାରି ସମୁଦ୍ର ସ୍ତର (ପତନ)ଠାରୁ ପରିବର୍ତ୍ତନଶୀଳ ଉଚ୍ଚତା ଗୁଡ଼ିକୁ ଦର୍ଶାଇବା ପାଇଁ ବିଭିନ୍ନ ରଂଗରେ ସ୍ତରଗୁଡ଼ିକୁ ରଂଗେଇବା ମାଧ୍ୟମରେ ସୂଚିତ କରାଯାଇଥାଏ ।



ଟିପ୍ପଣୀ

**୩.୫ ମାନଚିତ୍ରରେ ସମୋଚ୍ଚରେଖା ମାଧ୍ୟମରେ ଉଚ୍ଚାବଚ ଲକ୍ଷଣଗୁଡ଼ିକର ଚିହ୍ନଟ : (Identification of relief features on a map thorugh contours)**

ମାନଚିତ୍ରରେ ସମୋଚ୍ଚରେଖାଗୁଡ଼ିକର କ୍ରମବିନ୍ୟାସ (arrangement)ଦ୍ୱାରା ବିଭିନ୍ନ ପ୍ରକାର ଆକୃତି ସୃଷ୍ଟି ହୋଇଥାଏ ଯାହା ବିବିଧ ଉଚ୍ଚାବଚ ଯଥା- ପାହାଡ଼, ଉପତ୍ୟକା, ପ୍ରବଣଭୂମି/ଖାଇ (escarpments) କୁ ସୂଚିତ କରିଥାଏ ।

ସମୋଚ୍ଚ ରେଖାଗୁଡ଼ିକ ଦ୍ୱାରା ସୂଚିତ କେତେକ ଉଚ୍ଚାବଚ ଲକ୍ଷଣର ବର୍ଣ୍ଣନା ନିମ୍ନରେପ୍ରଦାନ କରାଗଲା ।

**୧. ଶଂକାକୃତି ପାହାଡ଼ (Conical hill) :**

ମାନଚିତ୍ରରେ, ନିୟମିତ ବ୍ୟବଧାନରେ କେତେଗୁଡ଼ିଏ ସଂକେନ୍ଦ୍ରୀ ସମୋଚ୍ଚରେଖା ଦ୍ୱାରା ଏକ ଶଂକାକୃତି ପାହାଡ଼ ସୂଚିତ କରାଯାଇଥାଏ । ସମୋଚ୍ଚରେଖାଗୁଡ଼ିକର ମାନ କେନ୍ଦ୍ର ଆଡ଼କୁ ବଢ଼ି ବଢ଼ି ଚାଲିଥାଏ । (ଚିତ୍ର ୩.୩ ଦେଖ )




***ଚିତ୍ର ୩.୩ ଏକ ଶଂକାକୃତି ପାହାଡ଼***

**୨. ମାଳଭୂମି (Plateau) :** ଧାର ବା ପ୍ରାନ୍ତରେ ତୀଖ ଢ଼ାଲୁ ଏବଂ ମଧ୍ୟଭାଗରେ ଅପେକ୍ଷାକୃତ ପ୍ରଶସ୍ତ ଚଟକା ପୃଷ୍ଠତଳ ସହ ଏକ ଉଚ୍ଚଭୂମିକୁ ମାଳଭୂମି କୁହାଯାଏ । ମାନଚିତ୍ରରେ ପ୍ରାନ୍ତୀୟ ଢ଼ାଲୁ (marginal slope)ରେ ସମୋଚ୍ଚ ରେଖାଗୁଡ଼ିକ ବହୁତ ପାଖାପାଖି ଥାଆନ୍ତି ମାତ୍ର ମାଳଭୂମି କ୍ଷେତ୍ରରେ ଏଗୁଡ଼ିକ (ସମୋଚ୍ଚରେଖା) ଅନୁପସ୍ଥିତ କିମ୍ବା ବହୁତ ଦୂର ଦୂରରେ /ବ୍ୟବଧାନରେ ଥା'ନ୍ତି । ସମୋଚ୍ଚରେଖା ଗୁଡ଼ିକର ମାନ ଶୀର୍ଷ ପୃଷ୍ଠଆଡ଼କୁ ବଢ଼ି ବଢ଼ି ଯାଇଥାଏ । (ଚିତ୍ର ୩.୪କୁ ଲକ୍ଷ୍ୟ କର)




***ଚିତ୍ର ୩.୪ ମାଳଭୂମି***

**୩. ଶୈଳଶିରା (Ridge) :** ଏହା ଏକ କମ୍ ପ୍ରସ୍ଥ/ଚଉଡ଼ା ବିଶିଷ୍ଟ ଆଲମ୍ବିତ ପାହାଡ଼ ଅଟେ । ଏକ ଶୈଳଶିରା ସାଧାରଣତଃ ଗୋଟିଏ ପାହାଡ଼ର ଦୁଇ ବା ଦୁଇରୁ ଅଧିକ ଶୃଙ୍ଗଗୁଡ଼ିକୁ ସଂଯୁକ୍ତ କରିଥାଏ । ମାନଚିତ୍ରରେ





ଶୈଳଶିରା ଉପାବୃତ୍ତାକାର/ ଦୀର୍ଘ ବୃତ୍ତୀୟ (elliptical) ସମୋଚ୍ଚରେଖା ମାଧ୍ୟମରେ ସୂଚିତ ହୋଇଥାଏ । ସମୋଚ୍ଚରେଖା ଗୁଡ଼ିକର ମାନ ବାହାର ଆଡ଼କୁ ହ୍ରାସ ପାଇଥାଏ ।




*ଚିତ୍ର ୩.୫ ଏକ ଶୈଳଶିରା (Ridge)*

**୪. V ଆକୃତି ଉପତ୍ୟକା (V-shaped valley) :**

ଏକ ନଦୀ ଦ୍ୱାରା ତାର ଯୁବାବସ୍ଥାରେ ଏହାର ସଂରଚନା ହୋଇଥାଏ । ଏହିପରି ଉପତ୍ୟକା ଆକୃତି ଇଂରାଜୀ ବର୍ଣ୍ଣ V ଭଳି ହୋଇଥିବାରୁ ଏହାକୁ 'V' ଆକୃତି ଉପତ୍ୟକା କୁହାଯାଇଥାଏ । ମାନଚିତ୍ରରେ ଏହା 'V' ଆକୃତୀୟ ସମୋଚ୍ଚ ରେଖାଗୁଡ଼ିକ ଦ୍ୱାରା ସୂଚିତ ହୋଇଥାଏ । ଅନ୍ତରତମ (inner most) ସମୋଚ୍ଚ ରେଖାର ମାନ ନ୍ୟୁନତମ ହୋଇଥାଏ (ଚିତ୍ର ୩.୬)




*ଚିତ୍ର ୩.୬ ଏକ 'V'- ଆକୃତି ଉପତ୍ୟକା*

**୫. ତୀଖ (Cliff):** କୌଣସି ହ୍ରଦ, ନଦୀ, ସମୁଦ୍ର ଅଥବା ସମତଳ ଭୂମି ପ୍ରାନ୍ତରେ ଉଚ୍ଚ କାନ୍ଥ ସଦୃଶ ଦଣ୍ଡାୟମାନ ଶୈଳ-ଫଳକକୁ ତୀଖ (cliff) କୁହାଯାଏ । ମାନଚିତ୍ରରେ ଏହା ସମୁଦ୍ର/ନଦୀ/ହ୍ରଦ/ସମତଳ ଭୂମି କୂଳକୁ ଲାଗି ଯାଇଥିବା (ଅନୁତଟୀୟ) ଏବଂ ପରସ୍ପର ମିଶି ତୀଖର ମୁହଁ ରଚନା କରୁଥିବା ସମୋଚ୍ଚରେଖା ଗୁଡ଼ିକ ଦ୍ୱାରା ସୂଚୀତ ହୋଇଥାଏ । (ଚିତ୍ର ୩.୭)




*ଚିତ୍ର - ୩.୭ ତୀଖ*

***୬.* ଜଳ ପ୍ରପାତ (Water fall) :** ଏକ ଉଲ୍ଲମ୍ବୀୟ ଢ଼ାଲୁରେ ଝରଣା ଜଳର ଅକସ୍ମାତ୍ ପତନକୁ ଜଳପ୍ରପାତ କୁହାଯାଏ । ଜଳପ୍ରପାତ, ନଦୀ ଧାରର (river channel)ର ଆରପାଖରେ (cross) ପରସ୍ପରକୁ ଆଂଶିକ ଆଚ୍ଛାଦିତ (over lapping) କରୁଥିବା ସମୋଚ୍ଚ ରେଖାଗୁଡ଼ିକ ଦ୍ୱାରା ସୂଚୀତ କରାଯାଇଥାଏ । (ଚିତ୍ର ୩.୮)




*ଚିତ୍ର - ୩.୮ ଜଳପ୍ରପାତ*



ଟିପ୍ପଣୀ

**୭. ଢ଼ାଲୁର ପ୍ରରୂପ/ ପ୍ରକାର (Types of slopes) :**

**(କ) ଉତ୍ତଳ ଢ଼ାଲୁ :** ଏହା ଏକ ପ୍ରକାର ସ୍ଫୀତ ଢ଼ାଲୁ (Bulging slope) ଯାହାର ପାଦଦେଶରେ ସମୋଚ୍ଚ ରେଖାଗୁଡ଼ିକ ପାଖାପାଖି ଥାନ୍ତି ଏବଂ ଶୀର୍ଷଆଡ଼କୁ ସମୋଚ୍ଚରେଖା ଗୁଡ଼ିକ ପରସ୍ପରଠାରୁ ଦୂରେଇ ଯାଇଥାନ୍ତି । (ଚିତ୍ର ୩.୯)







*ଚିତ୍ର - ୩.୯ ଉତ୍ତଳ ଢ଼ାଲୁ*

*ଚିତ୍ର ୩.୧୦ ଅବତଳ ଢ଼ାଲୁ*

**(ଖ) ଅବତଳ ଢ଼ାଲୁ :** ଏହା ଉତ୍ତଳ ଢ଼ାଲୁର ଠିକ୍ ବିପରୀତ ବା ଓଲଟା ହୋଇଥାଏ, ଯେଉଁଥିରେ ଶୀର୍ଷ ଅପେକ୍ଷା ପାଦଦେଶରେ ଢ଼ାଲୁର ତୀବ୍ରତା କମ୍ ହୋଇଥାଏ । ଏଥିରେ ସମୋଚ୍ଚ ରେଖାଗୁଡ଼ିକ ନିମ୍ନାଂଶ/ ପାଦଦେଶ ତୁଳନାରେ ଶୀର୍ଷରେ ପରସ୍ପର ଅତି ପାଖରେ ଥାନ୍ତି । ଅର୍ଥାତ୍ ଶୀର୍ଷରେ ପାଖାପାଖି ଥିବାବେଳେ ନିମ୍ନ/ପାଦଦେଶରେ ଦୂର-ଦୂରରେ ରହିଥାନ୍ତି ।

**(ଗ) ସ୍ୱଳ୍ପ ଏବଂ ତୀଖ ଢ଼ାଲୁ (Gentle & Steep slopes) :** ସ୍ୱଳ୍ପ ଢ଼ାଲୁର ସୂଚନା ଦୂର-ଦୂର/ ଛଡ଼ା ଛଡ଼ାରେ ଅଙ୍କିତ ସମୋଚ୍ଚରେଖା ଦ୍ୱାରା ସୂଚୀତ କରାହୋଇଥାଏ ଯଦ୍ୟପି ତୀଖ ଢ଼ାଲୁ ଲଗା ଲଗି ବା ପାଖା ପାଖି ଅଙ୍କିତ ସମୋଚ୍ଚ ରେଖାଦ୍ୱାରା ସୂଚୀତ ହୋଇଥାଏ । (ଚିତ୍ର ୩.୧୧)




ଚିତ୍ର - ୩.୧୧ ସ୍ୱଳ୍ପ ଓ ତୀଖ ଢ଼ାଲୁ



ଟିପ୍ପଣୀ



[redacted]

(କ) ଏକ ସମୋଚ୍ଚରେଖୀୟ ମାନଚିତ୍ରର ଅନୁପ୍ରସ୍ଥ ଛେଦ/ଖଣ୍ଡ ମାଧ୍ୟମରେ ପ୍ରାପ୍ତ ଉଚ୍ଚାବଚର ବାହ୍ୟରେଖା/ରୂପରେଖାକୁ ପରିଚ୍ଛେଦିକା କୁହାଯାଏ । ଅର୍ଥାତ୍ ଯଦି କୌଣସି ଭୂମିକୁ ଏକ ସରଳରେଖାରେ ଉଲ୍ଲମ୍ବୀୟ ଭାବେ କଟାଯାଏ ତା'ର ପ୍ରସ୍ଥଚ୍ଛେଦ ବା ପାର୍ଶ୍ୱଚିତ୍ର ଅନୁପ୍ରସ୍ଥ ପରିଚ୍ଛେଦିକା ହେବ । ମାନଚିତ୍ରରେ ଏକ ଚୟନିତ ରେଖା ଉପରେ ବିଭିନ୍ନ ଭୂମିରୂପକୁ ଦର୍ଶାଇବା ପାଇଁ ଏହା ଅଧିକ ସହାୟକ ହୋଇଥାଏ ।

ସମୋଚ୍ଚରେଖୀୟ ମାନଚିତ୍ରରେ କୌଣସି ଚୟନିତ ରେଖା ଉପରେ ଅନୁପ୍ରସ୍ଥ ପରିଚ୍ଛେଦିକା ଅଙ୍କନର ସୋପାନ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା :

(୧) ଗୋଟିଏ କାଗଜ ନିଅ ଏବଂ ଏହାକୁ ମାନଚିତ୍ରର କୌଣସି ଚୟନିତ ରେଖା (ଯାହାକୁ ଲାଗି ପରିଚ୍ଛେଦିକା ଅଙ୍କିତ ହେବ) ଉପରେ ଲଗାଇ ରଖ ।

(୨) ଚୟନ କରାଯାଇଥିବା ସମୋଚ୍ଚ ରେଖାଗୁଡ଼ିକୁ ଛେଦ କରୁଥିବା ବିନ୍ଦୁମାନଙ୍କୁ କାଗଜ କଡ଼ରେ ଚିହ୍ନିତ କର ଏବଂ ସମୋଚ୍ଚ ରେଖାଗୁଡ଼ିକର ମାନ ମଧ୍ୟ ଲେଖ ।

(୩) ଚୟନିତ ରେଖା ସହ ସମାନ କରି ଏକ ମୂଳରେଖା ବା ଆଧାର ରେଖା ଅଙ୍କନ କର ଯା'ଉପରେ ପରିଚ୍ଛେଦିକା ଅଙ୍କନ କରାଯିବ ।

(୪) ମୂଳ ବା ଆଧାର ରେଖାର ଗୋଟିଏ ମୁଣ୍ଡରେ ଏକ ଉଲମ୍ବୀୟ ରେଖା ବା ଲମ୍ବ ଅଙ୍କନ କର ଏବଂ ଚୟନିତ ଉଲ୍ଲମ୍ବୀୟ ମାନ ଅନୁସାରେ ଏହା ଉପରେ ବିଭିନ୍ନ ଉଚ୍ଚତାର ଚିହ୍ନ ଦିଅ ।

(୫) ସମୋଚ୍ଚ ରେଖାଗୁଡ଼ିକ ଛେଦ କରୁଥିବା ବିନ୍ଦୁଗୁଡ଼ିକର ଚିହ୍ନଗୁଡ଼ିକୁ ଆଧାର ରେଖା ଉପରେ ସ୍ଥାନାନ୍ତରିତ କର ଏବଂ ପ୍ରତ୍ୟେକ ଚିହ୍ନ ଉପରେ ଉଚ୍ଚତା (ସମୋଚ୍ଚରେଖା ମାନ ) ଅନୁଯାୟୀ ଲମ୍ବ ଅଙ୍କନ କର । ବର୍ତ୍ତମାନ ଅନୁପ୍ରସ୍ଥ ଖଣ୍ଡ/ପରିଚ୍ଛେଦିକା ତିଆରି ହୋଇଗଲା ।

### (ଖ) ଆନୁଭୂମିକ ସମତୁଲ୍ୟ/ଭୂ-ପୃଷ୍ଠୀୟ ଦୂରତା ଏବଂ ଉଲ୍ଲମ୍ବୀୟ ଅତିରଞ୍ଜନ (Horizontal Equivalent vertical exaggeration) :

ଆନୁଭୂମିକ ସମତୁଲ୍ୟ (Horizontal Equivalent), ଦତ୍ତ ହାରାହାରି ସମୁଦ୍ର ସ୍ତରରେ ଲମ୍ବଗୁଡ଼ିକ ଦ୍ୱାରା ପ୍ରକ୍ଷେପିତ ବିଭିନ୍ନ ଉଚ୍ଚତାରେ ଯେକୌଣସି ଦୁଇଟି ବିନ୍ଦୁ (ସ୍ଥାନ) ମଧ୍ୟରେ ଥିବା ଦୂରତାକୁ ସୂଚାଇଥାଏ । ଅନ୍ୟ ଶବ୍ଦରେ ଆନୁଭୂମିକ ସମତୁଲ୍ୟ ଭୂପୃଷ୍ଠ ଉପରେ ଭିନ୍ନ ଭିନ୍ନ ଉଚ୍ଚତାରେ ସ୍ଥିତ ଦୁଇଟି ବିନ୍ଦୁ/ସ୍ଥାନ ମଧ୍ୟରେ ଥିବା ଦୂରତାକୁ ସୂଚାଇଥାଏ । ସେଗୁଡ଼ିକୁ ହାରାହାରି ସମୁଦ୍ର ସ୍ତର ଆଧାରରେ ଲମ୍ବଗୁଡ଼ିକ ଦ୍ୱାରା ପ୍ରକ୍ଷେପିତ କରାଯାଇଥାଏ ।

ଉଲ୍ଲମ୍ବୀୟ ଅତିରଞ୍ଜନ, ଆନୁଭୂମିକ ମାନ ସନ୍ଦର୍ଭରେ ଉଲ୍ଲମ୍ବୀୟମାନର ଅତିରଞ୍ଜନ (ବଢ଼ କରାଯାଇଥିବା)ର ଅନୁପାତ ଅଟେ ।

## ୩.୭ ଭୂ-ଆକୃତୀୟ ମାନଚିତ୍ର ଅଥବା ଭୂ-ଫର୍ଦ୍ଦର ବ୍ୟାଖ୍ୟା (Interpretation of Topo-graphical Maps or Topo-sheets)

ଭୂ-ଆକୃତୀୟ ମାନଚିତ୍ର ବା ଭୂ-ଫର୍ଦ୍ଦର ବ୍ୟାଖ୍ୟା ନିମ୍ନଲିଖିତ ଶୀର୍ଷକଗୁଡ଼ିକର ଅନ୍ତର୍ଗତରେ କରାଯାଇପାରେ :

**(କ) ଉପକ୍ରମ/ ପ୍ରସ୍ତାବନା/ ସାଧାରଣ ସୂଚନା (Introduction) :** ଫର୍ଦ୍ଦ ସଂଖ୍ୟା, ଅଞ୍ଚଳର ନାମ, ପ୍ରସାର/ବିସ୍ତାର (extent), ମାନ, ସମୋଚ୍ଚରେଖୀୟ ବ୍ୟବଧାନ, ପ୍ରକାଶନ ତାରିଖ ଆଦି ଏହି ଶୀର୍ଷଙ୍କର ଅନ୍ତର୍ଗତ ହୋଇଥାଏ ।

**(ଖ) ଭୂ-ଆକୃତିକି ସୂଚନା (Physiographic information) :** କେତେକ ମୌଳିକ ଏବଂ ମହତ୍ତ୍ୱପୂର୍ଣ୍ଣ ଭୂ-ଆକୃତିକ ସୂଚନାର ଅଧ୍ୟୟନ ନିମ୍ନଲିଖିତ ଶୀର୍ଷକ ଗୁଡ଼ିକର ଅନୁଯାୟୀ କରାଯାଇଥାଏ ।

**(i) ଉଚ୍ଚାବଚ (Relief) :** ଭୂମିରୂପର ପ୍ରକୃତି ଏବଂ ପ୍ରରୂପ (ପର୍ବତ, ସମତଳ, ମାଳଭୂମି ଇତ୍ୟାଦି) ହାରାହାରି ଉଚ୍ଚତା ଏବଂ ସାଧାରଣ ଢ଼ାଲୁ/ଗଡ଼ାଣି, ପ୍ରମୁଖ ପାହାଡ଼, ଉପତ୍ୟକା ଇତ୍ୟାଦି ।

**(ii) ଅବବାହ / ଜଳନିଷ୍କାସନ (Drainage) :** ପ୍ରମୁଖ ନଦୀ ଏବଂ ସେମାନଙ୍କର ଉପନଦୀ ଏବଂ ଜଳ ନିଷ୍କାସନ ଢ଼ାଞ୍ଚା ବା ପ୍ରତିମାନ (pattern)

(iii) **ବନସ୍ପତି (Vegetation Cover) :** ବନସ୍ପତି ଦ୍ୱାରା ଆଚ୍ଛାଦିତ ଅଞ୍ଚ/କ୍ଷେତ୍ର, ଅରଣ୍ୟର ପ୍ରରୂପ (ସୁରକ୍ଷିତ ଅଥବା ସଂରକ୍ଷିତ) ଓ ଅନ୍ୟାନ୍ୟ ପ୍ରକାର ଗଛ ଏବଂ ସେଗୁଡ଼ିକର ବିତରଣ

**(ଗ) ସାଂସ୍କୃତିକ ସୂଚନା (Cultural Information)** : ଭୂ-ଆକୃତୀୟ ମାନଚିତ୍ର ଗୁଡ଼ିକର ନିମ୍ନଲିଖିତ ସାଂସ୍କୃତିକ ଦିଗ ସମ୍ପର୍କୀତ ଅନେକ ସୂଚନା ପ୍ରଦାନ କରାଯାଇଥାଏ :

**(i) ଭୂମି ଉପଯୋଗ (Land use)**– କୃଷି ଯୋଗ୍ୟ/ଉପଯୋଗୀ ଭୂମି, ପତିତ ଭୂମି ଏବଂ ଭୂମିର ଅନ୍ୟ ଉପଯୋଗ, ଜଳସେଚନର ମାଧ୍ୟମ/ ଉତ୍ସ (କେନାଲ, କୂଅ, ପୋଖରୀ ଇତ୍ୟାଦି) ବୃତ୍ତି (ମାଛ ଧରିବା, ଅରଣ୍ୟାୟନ/ ବନ ସମ୍ବର୍ଦ୍ଧନ, କୃଷି/ଚାଷ)

**(ii) ଯୋଗାଯୋଗ ଓ ପରିବହନର ମାଧ୍ୟମ ( Means of Commmunication):** ରେଳ, ସଡ଼କ, ଶଗଡ଼ ରାସ୍ତା, ଡାକ ଓ ତାର କାର୍ଯ୍ୟାଳୟ, ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର ଇତ୍ୟାଦି ।

**(iii) ବସତି (Settlement) :** ସହରୀକେନ୍ଦ୍ର, ସେଗୁଡ଼ିକର ଅବସ୍ଥିତି ଓ ଆକାର, ଗ୍ରାମ୍ୟ ବସତି ସେଗୁଡ଼ିକର ପ୍ରରୂପ ଏବଂ ପ୍ରତିରୂପ (types and patterns)ଇତ୍ୟାଦି ।

ଟିପ୍ପଣୀ




ଚିତ୍ର- ୩.୧୨ ଏକ ଅନୁପ୍ରସ୍ଥ ପରିଚ୍ଛେଦିକା

## ୩.୮ ଭୂ-ଫର୍ଦ୍ଦ 63K/12 ର ବ୍ୟାଖ୍ୟା (Interpretation of the Toposheet 63 K / 12)

**୧. ପ୍ରାନ୍ତୀୟ ସୂଚନା (Marginal Information):**

ଏହି ଅଧ୍ୟାୟ ସହ ପ୍ରେରିତ ଭୂ-ଫର୍ଦ୍ଦକୁ ଖୋଲ ଏବଂ ମାନଚିତ୍ର ତଳେ ଡାହାଣ ପାର୍ଶ୍ୱ ଚିହ୍ନଗୁଡ଼ିକର ଘର/ବାକ୍ସ ଏବଂ ମାନ ମଧ୍ୟରେ ବାମ ପାର୍ଶ୍ୱକୋଣରେ ପ୍ରଦତ୍ତ ଆନ୍ତ ମାନଚିତ୍ର (in set map)/ ଉପମାନଚିତ୍ରକୁ ଲକ୍ଷ୍ୟ କର । ଫର୍ଦ୍ଦସଂଖ୍ୟା 63K/12 ରେ ଉତ୍ତର ପ୍ରଦେଶର ମୀର୍ଜାପୁର ଜିଲ୍ଲାର ବହୁତ ବଡ଼ ଅଂଶ ଏବଂ ବାରଣାସୀ ଜିଲ୍ଲାର କ୍ଷୁଦ୍ରଅଂଶ ସମ୍ମିଳିତ ହୋଇଥିବାର ଦେଖିବାକୁ ପାଇବା ଏଥିପାଇଁ ଏହି ଫର୍ଦ୍ଦଟି ମୀର୍ଜାପୁର ନାମରେ ପରିଚିତ । ଭାରତ ମାନଚିତ୍ରରେ ଏହି ଫର୍ଦ୍ଦର ସଂଖ୍ୟାକୁ ଖୋଜି ବାହାର କର । (ଚିତ୍ର ୩.୨) ଏହାଦ୍ୱାରା ତୁମେ ଭାରତରେ ଏହି ଅଞ୍ଚଳର ଅବସ୍ଥିତି ସମ୍ପର୍କରେ ଏକ ଧାରଣା ପାଇପାରିବ ଅନ୍ୟ ପ୍ରାନ୍ତୀୟ ସୂଚନା ଗୁଡ଼ିକ ମନଯୋଗ ସହ ଅଧ୍ୟୟନ କର । ମାନ ସହାୟତାର ଭୂ-ଫର୍ଦ୍ଦରେ ଚିତ୍ରିତ/ଦର୍ଶାଇ ଯାଇଥିବା ସମଗ୍ର ଅଞ୍ଚଳର କ୍ଷେତ୍ରଫଳ ନିରୂପଣ କର । ଭୂ-ଫର୍ଦ୍ଦରେ ପ୍ରଦର୍ଶିତ ଏହି ଅଞ୍ଚଳର କ୍ଷେତ୍ରଫଳ ପ୍ରାୟ 700 ବର୍ଗ କିଲୋମିଟର ହେବ । ଏହି ଅଞ୍ଚଳଟି $25^0$ ଉତ୍ତର ଅକ୍ଷାଂଶରୁ $25^015'$ ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ $82^030'$ ପୂ ଦ୍ରାଘିମାରୁ $82^045'$ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ଅଟେ । ତେଣୁ ତୁମେ ବ୍ୟାଖ୍ୟାରେ ଉପକ୍ରମ/ପ୍ରସ୍ତାବନା ନିମ୍ନମତେ କରାଯାଇପାରେ ।

ଟିପ୍ପଣୀ

ପଂକ୍ତି ସଂଖ୍ୟା 63K/12 ରେ ଉତ୍ତର ପ୍ରଦେଶର ମୀର୍ଜାପୁର ଜିଲ୍ଲାର ଏକ ବିଶାଳ ଅଂଶ ଏବଂ ବାରଣାସୀ ଜିଲ୍ଲାର ଏକ କ୍ଷୁଦ୍ର ଅଂଶ ସୂଚିତ କରାଯାଇଛି । ଏହି ପଂକ୍ତିରେ ଚିତ୍ରିତ ଅଞ୍ଚଳ/କ୍ଷେତ୍ରର କ୍ଷେତ୍ରଫଳ ପ୍ରାୟ 700 ବର୍ଗ କି.ମି ଅଟେ । ଏହି ଅଞ୍ଚଳ $25^0$ ଉ. ରୁ $25^0$15' ଉ.ଅକ୍ଷାଂଶ ଏବଂ $82^0$30' ପୂ.ରୁ $82^0$45' ପୂ.ଦ୍ରାଘିମା ମଧ୍ୟରେ ଅବସ୍ଥିତ ଅଟେ ।

**୨. ଉଚ୍ଚାବଚ ଲକ୍ଷଣ (Relief features) :**

ନିମ୍ନଲିଖିତ ଦୁଇଟି ପ୍ରମୁଖ ଲକ୍ଷଣ/ ଆକୃତି ଭୂ-ଫର୍ଦ୍ଦରେ ଦେଖାଯାଇଥାଏ ।

(i) ଗାଙ୍ଗେୟ ସମତଳ ଭୂମି (Ganga plain)

ଏହି ସମତଳ ଭୂମି, ମୁଖ୍ୟତଃ $25^0$ 5' ଉତ୍ତର ଅକ୍ଷାଂଶର ଉତ୍ତରରେ ଅବସ୍ଥିତ ଅଟେ ଏବଂ ସମଗ୍ର ଅଞ୍ଚଳର ଦୁଇ-ତୃତୀୟାଂଶ ଭାଗକୁ ଅଧିକାର କରିରହିଛି । ଉତ୍ତର ରେଳପଥର ଦକ୍ଷିଣରେ ମୁଖ୍ୟତଃ କେତେକ ବିଚ୍ଛିନ୍ନ ପାହାଡ଼ (Knolls)ର ଉପସ୍ଥିତି ଏହା ସ୍ପଷ୍ଟ କରୁଛି ଯେ ସମତଳ ଭୂମିଟି ଚଟକା ଅଟେ । ମୀର୍ଜାପୁର ସହରର ଦକ୍ଷିଣରେ ଅବସ୍ଥିତ କେତେକ ବିଚ୍ଛିନ୍ନ ପାହାଡ଼ର ହାରାହାରି ଉଚ୍ଚତା ହାରାହାରି ସମୁଦ୍ର ପତନ ଠାରୁ 100 ମିଟର ଅଟେ । ବିଭିନ୍ନ ସ୍ଥାନରେ ଦର୍ଶିତ ପୀଠ ଚିହ୍ନ (B.M)ରୁ ଏହା ସ୍ପଷ୍ଟ ଯେ ସମତଳ ଭୂମିର ହାରାହାରି ଉଚ୍ଚତା ସମୁଦ୍ର ପତନ ଠାରୁ 100 ମିଟରରୁ କମ୍ ଅଟେ । ମୀର୍ଜାପୁର ରେଳଷ୍ଟେସନ ନିକଟବର୍ତ୍ତୀ ପୀଠ ଚିହ୍ନ 86.5 ମିଟର ଅଟେ ଏବଂ ଗଙ୍ଗାନଦୀର ଆର ପାଖରେ ଚିହ୍ନୁ ସହର ନିକଟରେ 75.3 ମି. ର ପୀଠ ଚିହ୍ନ ପ୍ରଦର୍ଶିତ ହୋଇଛି । ଉତ୍ତର ରେଳପଥକୁ ଲାଗି ଏବଂ ଅନ୍ୟାନ୍ୟ ସ୍ଥାନରେ ପୀଠ ଚିହ୍ନଗୁଡ଼ିକୁ ଠାବ କରି ଓ ଅଞ୍ଚଳର ବିଭିନ୍ନ ସ୍ଥାନର ଉଚ୍ଚତା ବାହାର କର ।

**(ii) ମାଳ ଭୂମି ଅଞ୍ଚଳ (Plateau Region)**

$25^0$ 5' ଉତ୍ତର ଅକ୍ଷାଂଶର ଦକ୍ଷିଣରେ ଏହି ମାଳଭୂମି ବିସ୍ତାରିତ ହୋଇଅଛି । ଏହା ଫର୍ଦ୍ଦର ଦକ୍ଷିଣ-ପୂର୍ବ ଅଂଶ ତୁଳନାରେ ଦକ୍ଷିଣ ପଶ୍ଚିମ ଏବଂ ଦକ୍ଷିଣ କେନ୍ଦ୍ରୀୟ ଅଂଶରେ ଅଧିକ ସୁସ୍ପଷ୍ଟ ଅଟେ । ଏହି ମାନଚିତ୍ରରେ ପ୍ରଦର୍ଶିତ ଅଞ୍ଚଳର ପ୍ରାୟ ଏକ ତୃତୀୟାଂଶ ଭାଗ ଅଧିକାର କରି ରହିଛି । ବିଭିନ୍ନ ନଦୀ ଦ୍ୱାରା କ୍ଷୟୀକରଣ ଯୋଗୁଁ, ମାଳଭୂମିଟି ବିଖଣ୍ଡିତ ଏବଂ ଏହାର ପୃଷ୍ଠ ତରଙ୍ଗାୟିତ (ଉଚ୍ଚ-ନୀଚ) ହୋଇଅଛି । 100 ମିଟର ସମୋଚ୍ଚରେଖା ଉତ୍ତରର ଗାଙ୍ଗେୟ ସମତଳ ଭୂମିକୁ ମାଳଭୂମିରୁ ପୃଥକ୍ କରୁଛି । ଏହି ମାଳଭୂମି ଅଞ୍ଚଳର ହାରାହାରି ଉଚ୍ଚତା 105 ମିଟର ଅଟେ । ଏହି ଅଞ୍ଚଳର ଚଟକା ଶୀର୍ଷ ଏବଂ ଅବଶିଷ୍ଟ (residual) ପାହାଡ଼ ଗୁଡ଼ିକୁ ଲକ୍ଷ୍ୟ କର । ଫର୍ଦ୍ଦର ଦକ୍ଷିଣ- କେନ୍ଦ୍ରୀୟ ଅଂଶର ସୀମାରେ ସ୍ଥିତ ସମୁଦ୍ର ପତନ ଠାରୁ 208 ମିଟର ଉଚ୍ଚତାରେ ଅବସ୍ଥିତ ଡେଫୁଲଓ୍ୱା ଏହି ଅଞ୍ଚଳର ଉଚ୍ଚତମ ପାହାଡ଼ ଅଟେ । ଏହି ଅଞ୍ଚଳର ଅନ୍ୟ ପାହାଡ଼ ଗୁଡ଼ିକର ଉଚ୍ଚତା ସବୁ ଜାଣିବାକୁ ଚେଷ୍ଟାକର । ଉତ୍ତର ସମତଳ ଭୂମି ଆଡ଼କୁ ମାଳଭୂମିର ତୀଖଢ଼ାଲୁରର ଅବସ୍ଥିତ ଯୋଗୁଁ ସମୋଚ୍ଚ ରେଖାଗୁଡ଼ିକ ଅତି ପାଖାପାଖି ହୋଇ ରହିଛନ୍ତି ।

**୩. ଅବବାହ/ ଜଳ ନିଷ୍କାସନ (Drainage) :**

ଗଙ୍ଗା ଏହାର ମୁଖ୍ୟ/ପ୍ରଧାନ ନଦୀ ଅଟେ । ଏହି ନଦୀ ଏହି ଅଞ୍ଚଳର ପ୍ରମୁଖ ଅଂଶର ଅଧିକାଂଶ ଜଳକୁ ପ୍ରବାହିତ କରି ନେଇଥାଏ । ଏହା ଦୁଇଟି ଫାଶ/ମୋଡ଼ ତିଆରି କରି ପଶ୍ଚିମରୁ ପୂର୍ବକୁ ପ୍ରବାହିତ ହୋଇଥାଏ । ଅନେକ ଗୁଡ଼ିଏ ଉପନଦୀ, ନାଳ ବା ଝରଣା ରୂପରେ ଦକ୍ଷିଣରୁ ଆସି ଗଙ୍ଗାନଦୀ ସହ ମିଶିଛନ୍ତି । ଏହି ଉପନଦୀଗୁଡ଼ିକୁ ମାଳଭୂମି ଅଞ୍ଚଳରେ ପ୍ରବାହିତ ହେବା ପର୍ଯ୍ୟନ୍ତ ନଦୀ କୁହାଯାଇଥାଏ ମାତ୍ର ସମତଳ ଅଞ୍ଚଳରେ ନାଳ ନାମରେ ପରିଚିତ ହୋଇଥା'ନ୍ତି । ଏହି ଅଞ୍ଚଳର ଦକ୍ଷିଣ ପଶ୍ଚିମ ଅଂଶରେ ପ୍ରବାହିତ ହରାଇ ନଦୀକୁ ଦେଖ । ପ୍ରସିଦ୍ଧ ଟାଣ୍ଡା ଜଳପ୍ରପାତ ଏହି ନଦୀରେ ଅଛି । ଏହି ନଦୀ ସମତଳ ଭୂମିରେ ପ୍ରବେଶ କରିବା ମାତ୍ରେ ଝାଲାନାଳ ନାମରେ

ପରିଚିତ ଅଟେ । ଟାଣ୍ଡା ଜଳ ପ୍ରପାତର ଉଚ୍ଚତା ଜାଣିନିଅ । ହରାଇ ନଦୀ ଟାଣ୍ଡାଦାରି ଜଳାଶୟକୁ ଜଳ ଯୋଗାଇଥାଏ । ଖଜୁରୀ ଗଙ୍ଗାନଦୀର ଅନ୍ୟ ଏକ ଉପନଦୀ ଅଟେ । ଏହାର ଉପର ଅଂଶ/ମୁଣ୍ଡରେ କୁଆରଦାରୀ ନାଳ, ମଧ୍ୟ/ମଝି ଅଂଶରେ ମାଧୋ ନାଳ ଏବଂ ତଳମୁଣ୍ଡରେ ଖଜୁରୀ ନାଳ ନାମରେ ପରିଚିତ ଅଟେ । ମାଳଭୂମି ଅଞ୍ଚଳର ଉତ୍ତର – କେନ୍ଦ୍ରାଞ୍ଚଳରେ ସ୍ଥିତ ନିମ୍ନ ଖଜୁରୀ ବନ୍ଧ ଏବଂ ଜଳାଧାରକୁ ଦେଖ ।

ଚତର ନଦୀ ଗଙ୍ଗାର ତୃତୀୟ ଉପନଦୀ ଅଟେ । ପହିତି, ଯୋଗଲାଦାରୀ ତଥା ଜମିତିଥିଆ ଚତରର ଉପନଦୀ ଅଟନ୍ତି । ଚତର ନଦୀ ତଳ ମୁଣ୍ଡରେ ବେଲୱାନ୍ ନଦୀ ନାମରେ ପରିଚିତ । ଅନ୍ୟ ଛୋଟ ଛୋଟ ନାଳ ମଧ୍ୟ ଉତ୍ତର ତଥା ଦକ୍ଷିଣରୁ ଆସି ଗଙ୍ଗାନଦୀ ସହ ମିଳିତ ହୋଇଛନ୍ତି । ଏହି ଅଞ୍ଚଳର ଅବବାହ ଢ଼ାଞ୍ଚା ଅଧ୍ୟୟନ ଦ୍ୱାରା ତୁମେ ଏହି ଅଞ୍ଚଳର ଢ଼ାଲୁ/ଗଡ଼ାଣିର ଦିଗ ବିଷୟରେ କିଛି ଧାରଣା ପାଇପାରିବା । ଗଙ୍ଗାନଦୀ ନିଜର ବିସର୍ପିଳ ଗତିପଥରେ ଦୁଇଟି ସମାନ୍ତରାଳ ଫାଶ ବା ଗୋଡ଼/ବାଙ୍କ ତିଆରି କରିଛି । ପଶ୍ଚିମ ବାଙ୍କ/ମୋଡ଼ର ଉତ୍ତର ତଟର ଢ଼ାଲୁ ସ୍ୱଳ୍ପ ଅଟେ ମାତ୍ର ଦକ୍ଷିଣ ତଟରେ ସ୍ଥିତ ଢ଼ାଲୁ ତୀଖ ଅଟେ । ଗଙ୍ଗାନଦୀର ମୁଖ୍ୟ ସ୍ରୋତ ଦକ୍ଷିଣ ତଟକୁ ଛାଡ଼ି ଉତ୍ତର-ପୂର୍ବ ଆଡ଼କୁ ପ୍ରବାହିତ ହୋଇ ଏକ ପ୍ରଶସ୍ତ ଏବଂ ବଡ଼ ଫାଶ ବା ବାଙ୍କ ତିଆରି କରିଛି । କେତେକ ସ୍ଥାନରେ ନଦୀ ଶଯ୍ୟା 2 କି.ମି ପର୍ଯ୍ୟନ୍ତ ପ୍ରଶସ୍ତ ହୋଇଛି । ଏହା ନଦୀ ଶଯ୍ୟାରେ ବାଲି, ମାଟି ଜମିବା ଯୋଗୁଁ କାରଣରୁ ହୋଇଥାଏ ।

**୪. ବନସ୍ପତି ଆବରଣ/ ଆଚ୍ଛାଦନ (Vegetation Cover)**

ପ୍ରାକୃତିକ ବନସ୍ପତିକୁ ସୂଚାଉଥିବା ସବୁଜ ପଟି ତଥ୍ୟ ଅନ୍ୟ ସଂକେତ ଗୁଡ଼ିକୁ ଦେଖିଲେ ତୁମେ ଜାଣିପାରିବ ଯେ ଗାଙ୍ଗେୟ ସମତଳ ଭୂମି ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ବନସ୍ପତି ରହିତ ଅଟେ । ଏହା ଚାଷପାଇଁ ଜଙ୍ଗଲ ସଫା କରାଯିବା କାରଣରୁ ହୋଇଛି । ଚିତର ଏବଂ ହରାଇ ନଦୀ ତଟରେ କେବଳ କୃଷିପାଇଁ ଅନୁପଯୁକ୍ତ ଗିରି ସଙ୍କଟର କେତେକ ସ୍ଥାନରେ ପ୍ରାକୃତିକ ବନସ୍ପତି ଦେଖାଯାଇଥାଏ । ଅରଣ୍ୟ ଆବରଣର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ମଧ୍ୟରେ ବାରକଚ୍ଛା ଏବଂ ଦାଣ୍ଡି ସଂରକ୍ଷିତ ଅରଣ୍ୟର ନିରନ୍ତର ପଟି (belt) ଅନ୍ତର୍ଗତ ଯାହା ମାଳଭୂମି ଅଞ୍ଚଳର ବିଶାଳ ଅଞ୍ଚଳରେ ବିସ୍ତୃତ ହୋଇଅଛି । ଏଗୁଡ଼ିକ ଗୁଳ୍ମ, ବୁଦା, ବରକୋଳି ଏବଂ ଖଇର ଗଛର ମିଶ୍ରିତ ପର୍ଣ୍ଣମୋଚୀ ଅରଣ୍ୟ ଅଟେ । ମାଳଭୂମିର ପଶ୍ଚିମ ଅଂଶକୁ ଚାଷଜମି/କୃଷିକାର୍ଯ୍ୟ ଅଥବା ତୃଣଭୂମି ପାଇଁ ସଫାକରି ଦିଆଯାଇଛି । ଅଧିକାଂଶ ଗ୍ରାମ ରୋପିତ ବୃକ୍ଷ ଦ୍ୱାରା ଘେରି ହୋଇରହିଛି ।

**୫. ଭୂମି ଉପଯୋଗ (Land use) :**

ସମୋଚ୍ଚ ରେଖାଗୁଡ଼ିକ ବେଶ୍ ଛଡ଼ା ଛଡ଼ା ହୋଇରହିବା ତଥା ସ୍ୱଳ୍ପ ଢ଼ାଲୁରୁ ଏହାସ୍ପଷ୍ଟ ଜଣାପଡୁଛି ଯେ ଉତ୍ତରସ୍ଥ ସମତଳ ଅଞ୍ଚଳରେ ସଘନ ଚାଷ କରାଯାଉଛି । ଏଥିରେ ପ୍ରଦର୍ଶିତ ହଳଦିଆ ରଙ୍ଗର ଉପସ୍ଥିତି ଏବଂ ପ୍ରାକୃତିକ ବନସ୍ପତିର ଅନୁପସ୍ଥିତିରୁ ମଧ୍ୟ ଏହା ତଥ୍ୟ ସ୍ପଷ୍ଟ ଜଣାପଡୁଛି । ଅଧିକନ୍ତୁ, ଏହି ଅଞ୍ଚଳରେ ବିକ୍ଷିପ୍ତ ଅସଂଖ୍ୟ ଗ୍ରାମର ଉପସ୍ଥିତି ଏହି ସୂଚନାକୁ ଆହୁରି ଦୃଢ଼ିଭୂତ କରୁଛି । ଦକ୍ଷିଣ ମାଳଭୂମିର କିଛି ଅଂଶକୁ ସଫା କରାଯାଇ ସେଠାରେ ମଧ୍ୟ ବର୍ତ୍ତମାନ ଚାଷ/କୃଷିକାର୍ଯ୍ୟ କରାଯାଉଛି । ଏହି ମାଳଭୂମିର ବିକ୍ଷିପ୍ତ ଅଞ୍ଚଳ ଗୁଡ଼ିକର ଗ୍ରାମଗୁଡ଼ିକରେ ଗ୍ରାମଗୁଡ଼ିକର ବିତରଣକୁ ଲକ୍ଷ କର । ଦକ୍ଷିଣ ମାଳଭୂମି ଅଞ୍ଚଳର ପ୍ରମୁଖ ଅଂଶ ବୁଦାଳିଆ ବା ଗୁଳ୍ମ ଅରଣ୍ୟ ଦ୍ୱାରା ଆଚ୍ଛାଦିତ ଅଟେ । ଆଉ କେତେକ ଅଂଶରେ ଜନବସତି, ପରିବହନ ନେଟୱର୍କ ଏବଂ କେନାଲ ସବୁ ଅଛି । ମାଳଭୂମି ଅଞ୍ଚଳର ଆଉ କେତେକ ଅଂଶରେ ଖାଦାନ ପ୍ରକ୍ରିୟା (quarring)ଚାଲୁଛି । ବିଭିନ୍ନ ନାଳଗୁଡ଼ିକର ତଟରେ ଥିବା ପତିତ ଭୂମି (fallow and land)ର ପଟିଗୁଡ଼ିକୁ (patches) ଲକ୍ଷ୍ୟ କର ।





**୬. ଜନସଂଖ୍ୟାର ବିତରଣ (Distribution of Population)**

ଭୂ-ଫର୍ଦ୍ଦରେ ଏକ ଦୃଷ୍ଟିପାତ କଲେ ତୁମେ ହୃଦୟଙ୍ଗମ କରିପାରିବ ଯେ ଗାଙ୍ଗେୟ ସମତଳ ଅଞ୍ଚଳରେ ଜନସଂଖ୍ୟାର ବିତରଣ ସମାନ (even)ତଥା ଦକ୍ଷିଣ ମାଳଭୂମି ଅଞ୍ଚଳରେ ବିକ୍ଷିପ୍ତ ବା ପତଳା ଭାବେ ବିଛୁରିତ ହୋଇଥାଏ । ସଂରକ୍ଷିତ ଅରଣ୍ୟ ଓ ମାଳଭୂମି ଅଞ୍ଚଳର ପାହାଡ଼ ତଥା କେତେକ ନଦୀର ଗିରିସଙ୍କଟ ଗୁଡ଼ିକରେ ଜନସଂଖ୍ୟା ଅତି ବିରଳ ବା ପତଳା ଅଟେ ।

**୭. ଜନ ବସତି (Human Settlements)**

ଏହି ଅଞ୍ଚଳର ଜନସଂଖ୍ୟାର ପ୍ରମୁଖ ଅଂଶ ମୁଖ୍ୟତଃ ଗ୍ରାମଗୁଡ଼ିକରେ ବସବାସ କରିଥା'ନ୍ତି ଏବଂ ଏକ କ୍ଷୁଦ୍ର ଅଂଶ ଚାରୋଟି ସହରୀ କେନ୍ଦ୍ର ଯଥା : ମୀର୍ଜାପୁର, ବିନ୍ଧ୍ୟାଞ୍ଚଳ, ଖାମାରିଆ ଏବଂ କଛଓ୍ୱାରେ ବସବାସ କରିଥା'ନ୍ତି । ଗ୍ରାମୀଣ ଜନବସତି ଗୁଡ଼ିକ ପ୍ରକୀର୍ଣ୍ଣ/ବିକ୍ଷିପ୍ତ, ଘନୀଭୂତ (compact) ଏବଂ ଆକୃତିରେ ରୈଖିକ ହୋଇଥା'ନ୍ତି । ମୀର୍ଜାପୁର ଏହି ଅଞ୍ଚଳର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସହର ଅଟେ । ଏହା ଗଙ୍ଗାନଦୀର ପଶ୍ଚିମ ବାଙ୍କର ଦକ୍ଷିଣ ତଟରେ ଅବସ୍ଥିତ । ଏଣୁ ନଦୀର ପ୍ରସ୍ଥ ଏଠାରେ ଅତି ସଂକୀର୍ଣ୍ଣ ଅଟେ । ମାନଚିତ୍ରର ସୂକ୍ଷ୍ମ ଅଧ୍ୟୟନ ଦ୍ୱାରା ତୁମେ ଏହି ସହରର ଅବସ୍ଥିତି ସନ୍ଦର୍ଭରେ ନିମ୍ନଲିଖିତ ତଥ୍ୟଗୁଡ଼ିକୁ ବୁଝିବାରେ ସମର୍ଥ ହୋଇପାରିବ :

(i) ଏହି ସହର ନଦୀକୂଳରେ ଏପରି ଏକ ସ୍ଥାନରେ ଅବସ୍ଥିତ, ଯେଉଁଠି ନଦୀକୁ ସହଜରେ ପାରିକରି ହେବ ବା ଅତିକ୍ରମ କରିହେବ, କାରଣ ନଦୀ ଏଠାରେ ସଂକୀର୍ଣ୍ଣତମ ଅଟେ ଏବଂ ଆଖପାଖରେ ଅସଂଖ୍ୟ ନୌକାଘାଟ (ଫେରିଘାଟ ) ଅଛି ।

(ii) ସହର ଆଡ଼କୁ ନଦୀକୂଳ ତୀଖ ଏବଂ ଅଧିକ ଉଚ୍ଚ ହୋଇଥିବାରୁ ଏଠାରେ ନଦୀଦ୍ୱାରା ବନ୍ୟା ହେବାର ଆଶଙ୍କା ନାହିଁ ।

(iii) ଗଙ୍ଗାର ମୁଖ୍ୟସ୍ରୋତ ଦକ୍ଷିଣ ତଟରେ ପ୍ରବାହିତ ହୋଇଥିବା ଯୋଗୁଁ ଏଠାରେ ବର୍ଷସାରା ନୌଚାଳନାର ସୁବିଧା ଉପଲବ୍ଧ ହୋଇଥାଏ ।

(iv) ମୀର୍ଜାପୁର ଦକ୍ଷିଣ କୂଳରେ ସ୍ଥିତ କ୍ଷୁଦ୍ର ସହର ଚିହ୍ଲ ସହ ଏକ ପୋଲଦ୍ୱାରା ସଂଯୁକ୍ତ ହୋଇଅଛି ।

(v) ଏହି ସହର ଆଖପାଖର ଅନ୍ୟାନ୍ୟ ସହର ଏବଂ ନଗରଗୁଡ଼ିକ ସହ ସଡ଼କ ଏବଂ ରେଳପଥ ଜାଲି (network)ଦ୍ୱାରା ସଂଯୁକ୍ତ ଅଟେ ।

(vi) ଏହା ଦକ୍ଷିଣ ମାଳଭୂମି ଅଞ୍ଚଳର ଅତି ନିକଟରେ ଅବସ୍ଥିତ । ଏଣୁ ଏହା ମାଳଭୂମି ଅଞ୍ଚଳ ସହ ମଧ୍ୟ ଉତ୍ତମ ଯୋଗାଯୋଗ ସମ୍ପର୍କ ସ୍ଥାପନ କରିବା ସ୍ଥିତିରେ ଅଛି ।

(vii) ଏହି ସହର, ପୂର୍ବ-ପଶ୍ଚିମ ଦିଗରେ ରେଳପଥ ଏବଂ ସଡ଼କ ପାର୍ଶ୍ୱରେ ବିସ୍ତାରିତ ହେଉଅଛି ।

(viii) ନଦୀତଟରେ ବାଲି ଜମିବା ଏବଂ ନଦୀର ମୁଖ୍ୟ ଧାରା ବର୍ଷସାରା ପ୍ରବାହିତ ନ ହେବା କାରଣରୁ ନଦୀର ଉତ୍ତର କୂଳରେ ଯାହା ମୀର୍ଜାପୁର ସ୍ଥିତ କୂଳର ବିପରୀତ ଦିଗରେ ଅବସ୍ଥିତ, ଜନବସତି ବହୁତ କମ୍ ଅଛି । ଚିହ୍ଲ ନାମକ କ୍ଷୁଦ୍ର ସହରଟି ମୀର୍ଜାପୁର-ଜୈନପୁର ସଡ଼କ ପଥ ତଥା ଉତ୍ତର-ପୂର୍ବ ରେଳପଥର ଅନ୍ତିମ ବା ପ୍ରାନ୍ତବିନ୍ଦୁ ରୂପେ ବିକଶିତ ହୋଇଛି । ଯଦ୍ୟପି ଏବେ ଏହି ରେଳପଥ ମୀର୍ଜାପୁର ଘାଟ ରେଳଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି ।

(ix) ମୀର୍ଜାପୁର ସହର ଏହି ଅଞ୍ଚଳର ପ୍ରମୁଖ ସଂଗ୍ରହ ଓ ବିତରଣ କେନ୍ଦ୍ରରୂପେ କାର୍ଯ୍ୟ କରିଆସୁଛି ।

ଅନ୍ୟ ସହର ବନ୍ଧ୍ୟାଞ୍ଚଳ ଗଙ୍ଗାନଦୀର ଦକ୍ଷିଣ କୂଳରେ ମୀର୍ଜାପୁରର ପଶ୍ଚିମରେ ଅବସ୍ଥିତ ଅଟେ । ଏଠାରେ ଅନେକ ମନ୍ଦିରର ଉପସ୍ଥିତିରୁ ଏହା ସ୍ପଷ୍ଟଯେ ବିନ୍ଧ୍ୟାଞ୍ଚଳ ଏକ ଧାର୍ମିକ କେନ୍ଦ୍ର ଅଟେ । ଏହି ସହର ପକ୍କା ସଡ଼କ ଦ୍ୱାରା ମିର୍ଜାପୁର ସହ ସଂଯୁକ୍ତ ହୋଇଅଛି । ଏଠାରେ ଗଙ୍ଗାନଦୀର ଆରପାଖରେ ଥିବା ମାଲେପୁର ଗାଁକୁ

ଟିପ୍ପଣୀ

ଯିବାପାଇଁ ନୌକାଘାଟ ବା ଫେରିଘାଟର ସୁବିଧା ଅଛି । ଗଙ୍ଗାନଦୀର ଉତ୍ତରରେ ସ୍ଥିତ ଖାମାରିଆ ଏବଂ କଛଓ୍ୱା ଦୁଇଟି ବାଣିଜ୍ୟିକ ସହର ଅଟେ । ଖାମାରିଆ ମାନଚିତ୍ରର ଉତ୍ତର-ପଶ୍ଚିମ କୋଣରେ ଅବସ୍ଥିତ । ଏକ ଛୋଟ ପକ୍କା ସଡ଼କ ଏହାକୁ ଜୈନପୁର ଏବଂ ମୀର୍ଜାପୁର ସହ ସଂଯୁକ୍ତ କରୁଛି । ଏହି ସହରରେ ଏକ ଛୋଟ ଗାଲିଚା ତିଆରି କାରଖାନା ଅଛି । କଛଓ୍ୱା ଭୂ-ଫର୍ଦ୍ଦର ଉତ୍ତର-ପୂର୍ବ ଅଂଶରେ ଅବସ୍ଥିତ ଅଟେ । ଏହା ଗଙ୍ଗାନଦୀର ପ୍ରାୟ 2 କି.ମି ପୂର୍ବରେ ଅଛି । ଏହି ସହର ପାଶ୍ୱବର୍ତ୍ତୀ ଗ୍ରାମ ତଥା ପଶ୍ଚିମ, ଉତ୍ତର ଏବଂ ପୂର୍ବରେ ବିକ୍ଷିପ୍ତ ଭାବେ ଥିବା ସହରଗୁଡ଼ିକ ସହ ସଡ଼କ ଦ୍ୱାରା ସଂଯୁକ୍ତ ଅଟେ ।

**୮. ପରିବହନ ଓ ସଂଚାର ମାଧ୍ୟମ /ସାଧନ (Means of Transport and Communication) :** ଏହି ଅଞ୍ଚଳରେ ଦୁଇଟି ରେଳପଥକୁ ଲକ୍ଷ୍ୟ କର । ତୁମେ ଦେଖିପାରିବ ଯେ ଉତ୍ତର-ପୂର୍ବ ରେଳପଥ (ମିଟର ଗେଜ୍) ଏବଂ ଉତ୍ତର-ରେଳପଥ (ବ୍ରଡ୍ ଗେଜ୍) ଏହି ଅଞ୍ଚଳର ଦୁଇଟି ପ୍ରମୁଖ ରେଳପଥ ଅଟେ । ପ୍ରଥମ ରେଳପଥଟି ମାନଚିତ୍ର/ଭୂ-ଫର୍ଦ୍ଦର ଉତ୍ତର ପ୍ରାନ୍ତରେ ପୂର୍ବରୁ ପଶ୍ଚିମ ଦିଗକୁ ଯାଇଛି । ଏହା ଉତ୍ତର-ପୂର୍ବ ରେଳପଥର ବାରଣାସୀ-ଏଲାହାବାଦ୍ ଶାଖାର ଏକ ଅଂଶ ଅଟେ । ଏହାର ଏକ ଶାଖା ମାଧୋସିଂହ ଏବଂ ମୀର୍ଜାପୁର ଘାଟ ରେଳ ଷ୍ଟେସନ ମଧ୍ୟରେ ଜୌନୁପର-ମୀର୍ଜାପୁର ସଡ଼କ ସହ ସମାନ୍ତରାଳ ଭାବେ ଯାଇଅଛି ।

ଉତ୍ତର-ରେଳପଥ ଏହି ଅଞ୍ଚଳର ଠିକ୍ ମଧ୍ୟ ଭାଗଦେଇ ଅତିକ୍ରମ କରିଛି । ଏହା ଉପରେ ବିନ୍ଧ୍ୟାଞ୍ଚଳ, ମୀର୍ଜାପୁର, ଝିଙ୍ଗୁରା ଏବଂ ପହାରା ନାମକ ଚାରୋଟି ପ୍ରମୁଖ ଷ୍ଟେସନ ଅଛି । ମୁଖ୍ୟ ରେଳପଥଟିର ବିଦ୍ୟୁତ୍‌କରଣ ହୋଇଯାଇଛି । ଭଲଭାବରେ ଲକ୍ଷ୍ୟ କଲେ ଜାଣିପାରିବ ଯେ ଏହି ଉଭୟ ରେଳପଥ ଅନେକ ସ୍ଥାନରେ ତଟବନ୍ଧ ଉପରେ ନିର୍ମିତ ହୋଇଅଛି । ଏହା କ'ଣ ଦର୍ଶାଉଛି ? ଏଥିରୁ ଜଣାପଡୁଛି ଯେଏହି ରେଳପଥଗୁଡ଼ିକ ବନ୍ୟା ପ୍ରଭାବିତ ନିମ୍ନଭୂମି ଦେଇ ଅତିକ୍ରମ କରିଛି ।

ତୁମେ ଭୂଫର୍ଦ୍ଦରେ ସମସ୍ତ ପ୍ରକାରର ସଡ଼କକୁ ଦେଖିପାରିବ । ଏହି ଅଞ୍ଚଳର ପଶ୍ଚିମ ଭାଗର ସଡ଼କ ଗୁଡ଼ିକ ସାଧାରଣତଃ ପକ୍କା ଅଟେ । ଏହି ସଡ଼କ ଗୁଡ଼ିକ ମୀର୍ଜାପୁର ସହରର ସବୁଦିଗକୁ ଯାଇଅଛି । ମୀର୍ଜାପୁର ସମସ୍ତ ପ୍ରକାର ଯାତାୟାତର କେନ୍ଦ୍ରବିନ୍ଦୁ ଅଟେ । ନିମ୍ନ ପକ୍କା ସଡ଼କ ଗୁଡ଼ିକ ଧ୍ୟାନ ଆକର୍ଷଣକାରୀ ଅଟେ :

**(୧) ଗ୍ରେଟ୍ ଡ଼େକାନ୍ ରୋଡ଼/ବୃହତ୍ ଦାକ୍ଷିଣାତ୍ୟ ସଡ଼କ (Great Deccan Road) :** ଏହି ସଡ଼କ ମୀର୍ଜାପୁରରୁ ଦକ୍ଷିଣ-ପଶ୍ଚିମ ଆଡ଼କୁ ଯାଇଛି ଏବଂ ମୀର୍ଜାପୁରକୁ ଲାଲଗଞ୍ଜ ସହର ସହ ସଂଯୁକ୍ତ କରୁଛି । ଏହା ଜାତୀୟ ରାଜପଥ ନଂ-7 ନାମରେ ମଧ୍ୟ ପରିଚିତ ଅଟେ ।

**(୨) ମୀର୍ଜାପୁର- ରବାର୍ଟଗଂଜ ସଡ଼କ :** ଏହା ଦକ୍ଷିଣ ଆଡ଼କୁ ଯାଇଥିବା ଏକମାତ୍ର ସଡ଼କ ଅଟେ ଯାହା ଏହି ମାନଚିତ୍ରର ମାଳଭୂମି ଅଞ୍ଚଳକୁ ଅତିକ୍ରମ କରିଛି ।

**(୩) ମୀର୍ଜାପୁର-ଆଲାହାବାଦ ସଡ଼କ :** ଏହି ସଡ଼କ ଉତ୍ତର-ରେଳପଥର ସମାନ୍ତରାଳ ଭାବେ ଯାଇଛି ଏବଂ ମୀର୍ଜାପୁରକୁ ବିନ୍ଧ୍ୟାଞ୍ଚଳ ସହର ଦେଇ ଆଲାହାବାଦ ସହ ସଂଯୁକ୍ତ କରୁଛି ।

**(୪) ମୀର୍ଜାପୁର- ଭଟୌଲି ଘାଟ ସଡ଼କ :** ଏହି ସଡ଼କ ଉତ୍ତର-ପୂର୍ବରେ ଗଙ୍ଗାନଦୀର ଦକ୍ଷିଣ କୂଳରେ ନୂତନ ସହର ଭାବେ ଗଢ଼ିଉଠୁଥିବା ଭଟୌଲି ଘାଟକୁ ମୀର୍ଜାପୁର ସହର ସଂଯୁକ୍ତ କରୁଛି । ଏହି ସଡ଼କ ଆଗକୁ କଛଓ୍ୱା ସହର ପର୍ଯ୍ୟନ୍ତ ଯାଇଅଛି । ଭଟୌଲି ଘାଟରେ ଛଅ ନୌକାବାଲା ଫେରିଘାଟକୁ ଲକ୍ଷ୍ୟ କର ।

**(୫) ମୀର୍ଜାପୁର-ବାରଣାସୀ ସଡ଼କ :** ଏହି ସଡ଼କ ଉତ୍ତର-ପୂର୍ବ ରେଳପଥ ସହ ସମାନ୍ତରାଳ ଭାବେ ଯାଇଛି ଏବଂ ଏହା ଜାତୀୟ ରାଜପଥ ନଂ 7ର ଏକ ଅଂଶ ଅଟେ ।

**(୬) ମୀର୍ଜାପୁର-ଜୌନପୁର ସଡ଼କ :** ଏହା ଉତ୍ତର-ପୂର୍ବ ରେଳପଥ ସହ ସମାନ୍ତରାଳ ଭାବେ ଯାଇଛି ଏବଂ ଦୁର୍ଗାପୁର ଗ୍ରାମରୁ ଉତ୍ତର-ପୂର୍ବ ଆଡ଼କୁ ମୋଡ଼ିହୋଇ ଯାଇଛି ।

**(୭) ଚିହ୍ଲ-ଗୋପୀଗଂଜ ସଡ଼କ :** ଏହା ଭୂ-ଫର୍ଦ୍ଦର ଉତ୍ତର ପୂର୍ବ ଅଂଶରେ ବିସ୍ତାରିତ ହୋଇଛି । ବର୍ତ୍ତମାନ ମାନଚିତ୍ରକୁ ମନଯୋଗ ସହ ଅଧ୍ୟୟନ କଲେ ତୁମେ କେତେକ କଚ୍ଚା ସଡ଼କ ଦେଖିବାକୁ ପାଇବ । ମୀର୍ଜାପୁରକୁ ହାରାଇ ନଦୀ ଉପରେ ଥିବା ଟଣ୍ଡା ଜଳପ୍ରପାତ ସହ ସଂଯୋଗ କରୁଥିବା ସଡ଼କଟି ଉଲ୍ଲେଖଯୋଗ୍ୟ ଅଟେ । ଭଲ ଭାବରେ ଲକ୍ଷ୍ୟକଲେ ଦେଖିପାରିବ ଯେ କେତେକ ସଡ଼କରେ କେବଳ ଖରାଦିନରେ ଗାଡ଼ିମଟର ଚାଲିପାରେ । ମାନଚିତ୍ରରେ ଏହିଭଳି ଅନ୍ୟ ସଡ଼କ ତଥା ସେମାନଙ୍କ ଦ୍ୱାରା ସଂଯୁକ୍ତ ସ୍ଥାନ ବା ଷ୍ଟେସନଗୁଡ଼ିକୁ ଖୋଜି ବାହାର କର । ତୁମେ ଆହୁରି ମଧ୍ୟ ଗ୍ରାମଗୁଡ଼ିକୁ ସଡ଼କ ସହ ସଂଯୁକ୍ତ କରୁଥିବା ଶଗଡ଼-ରାସ୍ତା ମାନଙ୍କୁ ଦେଖିପାରିବ । କଳା ବିନ୍ଦୁଗୁଡ଼ିକର ରେଖାକୁ ଲକ୍ଷ୍ୟ କର । ଏହା ଟେଲିଗ୍ରାଫ୍ ଓ ଟେଲିଫୋନ୍ ତାର ଅଟେ । ତାରଗୁଡ଼ିକୁ ଯୋଡୁଥିବା ଷ୍ଟେସନଗୁଡ଼ିକୁ ଖୋଜି ବାହାର କର ।

**୯. ଜଳସେଚନ ଓ ଜଳ ଯୋଗାଣର ସାଧନ (Means of Irrigation & Water supply)**

ତୁମେ ଗୁରୁତ୍ୱପୂର୍ଣ୍ଣ ପୋଖରୀ/ଜଳାଶୟ ଗୁଡ଼ିକର ନାମ ପୂର୍ବରୁ ହିଁ ଜାଣିସାରିଛ । କୂଅ ଏବଂ ପୋଖରୀ ଗୁଡ଼ିକ ଘରୋଇ ଉପଯୋଗ ପାଇଁ ଜଳସେଚନ ଏବଂ ଜଳଯୋଗାଣର ମହତ୍ତ୍ୱପୂର୍ଣ୍ଣ ସାଧନ ଅଟନ୍ତି । କୂଅଗୁଡ଼ିକ ସମତଳ ଅଞ୍ଚଳରେ ଏବଂ ପୋଖରୀଗୁଡ଼ିକ ମାଳଭୂମି ଅଞ୍ଚଳରେ ବିକ୍ଷିପ୍ତ ହୋଇ ଅଛନ୍ତି । ଟଣ୍ଡା ଜଳପ୍ରପାତ ନିକଟସ୍ଥ ଟଣ୍ଡାଦାରୀ ଜଳାଶୟ ଏକ ପାଇପ୍ ଲାଇନ୍ ମାଧ୍ୟମରେ ମୀର୍ଜାପୁର ସହରକୁ ଜଳ ଯୋଗାଇଥାଏ । ଏହା ସେ ଅଞ୍ଚଳର ବୃହତ୍ତମ ଜଳାଧାର ଏବଂ ଏହା ହରାଇ ନଦୀର ଏକ ଉପନଦୀ ଉପରେ ତଟବନ୍ଧ ଦ୍ୱାରା ନିର୍ମିତ ହୋଇଛି । ବାରକତା ସଂରକ୍ଷିତ ଅରଣ୍ୟାଞ୍ଚଳ ମଧ୍ୟରେ ଥିବା ଜଳାଧାର ଏବଂ ନିମ୍ନ ଖଜୁରୀ ବନ୍ଧ ଦ୍ୱାରା ନିର୍ମିତ ଜଳାଧାରଗୁଡ଼ିକ ଏହି ଅଞ୍ଚଳର ମହତ୍ତ୍ୱପୂର୍ଣ୍ଣ ଜଳାଶୟ ଅଟନ୍ତି । ଜଳାଧାର ଗୁଡ଼ିକରୁ ବାହାରିଥିବା କେନାଲର ଜାଲିମାନଙ୍କୁ ଲକ୍ଷ୍ୟକର । ମୀର୍ଜାପୁରର ପୂର୍ବରେ ଥିବା ଏକ କେନାଲ ଉତ୍ତର ଦକ୍ଷିଣ ଦିଗରେ ଗଙ୍ଗାନଦୀ ସହିତ ସମାନ୍ତରାଳ ଭାବେ ଯାଇଛି । ଏହାକୁ ବାମ ନିମ୍ନ ଖଜୁରୀ କେନାଲ କୁହାଯାଏ । ଅନ୍ୟ ମହତ୍ତ୍ୱପୂର୍ଣ୍ଣ କେନାଲଗୁଡ଼ିକ ମଧ୍ୟରେ ଡାହାଣ ନିମ୍ନ ଖଜୁରୀ କେନାଲ, ଅମାଇ ମାଇନର୍, ଡ଼ାହାଣ ଉପର ଖଜୁରୀ ଏବଂ ବାମ ଉପର ଖଜୁରୀ କେନାଲ ଅନ୍ତର୍ଗତ । ଗଙ୍ଗାନଦୀର ଦକ୍ଷିଣରେ କେନ୍ଦ୍ରୀୟ ଏବଂ ପୂର୍ବ ସମତଳ ଅଞ୍ଚଳରେ ଉଠା ଜଳସେଚନ ସୁବିଧା ମଧ୍ୟ ଉପଲବ୍ଧ ଅଟେ । କନୌରା ଘାଟ ତଥା ସଖୌରା ଘାଟ ପମ୍ପ-କେନାଲଗୁଡ଼ିକ ଲକ୍ଷ୍ୟ କର ।

**୧୦. ମାନବ ବୃତ୍ତି (Human Occupations)**

ଏହି ଅଞ୍ଚଳରେ ବିକ୍ଷିପ୍ତ ଗ୍ରାମୀଣ ବସତି ଗୁଡ଼ିକର ପ୍ରାବଲ୍ୟରୁ ଏହା ସ୍ପଷ୍ଟ ଯେ ଏଠାକାର ଲୋକମାନଙ୍କର ମୁଖ୍ୟ ବୃତ୍ତି କୃଷି ଅଟେ । ଗାଙ୍ଗେୟ ସମତଳ ଭୂମି ଏଥିପାଇଁ ବିସ୍ତୃତ ଉର୍ବର କୃଷିଯୋଗ୍ୟ ଭୂମି ଉଲଲବ୍ଧ କରାଇଥାଏ । ମାଳଭୂମି ଅଞ୍ଚଳରେ ଏହିଭଳି କୃଷିଯୋଗ୍ୟ ଭୂମି ଟୁକୁଡ଼ା ବା ଛୋଟ ଛୋଟ କ୍ଷେତ୍ରରେ ଉପଲବ୍ଧ ହୋଇଥାଏ । ମାଳଭୂମି ଅଞ୍ଚଳର ଅନ୍ୟବୃତ୍ତି/ ଜିବିକା ଗୁଡ଼ିକ ହେଲା କାଠକାଟିବା, ଗୋରୁଗାଈ ତଥା ଛେଳି, ମେଣ୍ଢାପାଳନ ଏବଂ ଖନନ । ମାଳଭୂମି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଖାଦାନଗୁଡ଼ିକୁ ଦେଖ । ଆଉ କିଛି ଲୋକ ନିର୍ମାଣ ଉଦ୍ୟୋଗ ଯଥା : ମୀର୍ଜାପୁରରେ ସୂତିବସ୍ତ୍ର କାରଖାନା ଏବଂ ଖାମାରିଆର ଗାଲିଚା ଉଦ୍ୟୋଗରେ କାମ କରିଥାନ୍ତି । ବ୍ୟବସାୟ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା ତଥା ପ୍ରଶାସନ ଏହି ଅଞ୍ଚଳର ତୃତୀୟକ ଜୀବିକା/ବୃତ୍ତି ଅଟେ ।

## ପ୍ରାୟୋଗିକ ଅଭିଲେଖ ପୁସ୍ତିକା ପାଇଁ ଅଭ୍ୟାସ (Exercise for Practical Record Book) :

ଭୂ-ଆକୃତୀୟ ମାନଚିତ୍ର ପ୍ରଦତ୍ତ ଅଂଶର ବ୍ୟାଖ୍ୟା ନିମ୍ନଲିଖିତ ଶୀର୍ଷକ ଅନୁଯାୟୀ କର :

(କ) ଭୂମି ରୂପ (ଖ) ପରିବହନ ଓ ସଂଚାର ରେଖା (ଗ) ବସତି

ମାନ୍ଦ୍ସୋର୍ ଓ ସାଜାପୁର ଜିଲ୍ଲା, ରାଜସ୍ଥାନ
ବୁନୋଇ, ଚିତ୍ତୋରଗଡ଼, ମଧ୍ୟପ୍ରଦେଶ
ଜୟସାଲଶେର ଏବଂ କୋଟା ଜିଲ୍ଲା

